ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୪୦, ଭୁବନେଶ୍ୱର: ଅକ୍ଟୋବର ୧୩-୧୯, ୨୦୨୫ Vol-16, Issue-40, Bhubaneswar : October 13-19, 2025

RNI NO.ODIODI/2010/33715

## ସ୍ୱଚ୍ଛତା ପାଇଁ ନୂଆ ଯୋଜନା 'ସ୍ୱଚ୍ଛ ଓଡ଼ିଶା'

ଭୁବନେଶ୍ୱର: ଓଡ଼ିଶା ସରକାର 'ସ୍ୱଚ୍ଛ ଓଡ଼ିଶା' ଭଳି ଏକ ନୂତନ ରାଜ୍ୟ ଯୋଜନା ଘୋଷଣା କରିଛନ୍ତି ଓ ଏଥିରେ ପାଞ୍ଚ ବର୍ଷରେ ଅର୍ଥାତ୍ ୨୦୨୫-୨୬ ରୁ ୨୦୨୯-୩୦ ଅବଧି ମଧ୍ୟରେ ୧୬୦୦ କୋଟି ଟଙ୍କାର ଅନୁମୋଦନ ହୋଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୨୮ତମ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଶ ବିଭାଗରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିଛି। ଏଥିରେ ସପ୍ତଦଶ ବିଧାନସଭା ୪ର୍ଥ ଅଧିବେଶନର ସତ୍ରାବସାନ ସମ୍ପର୍କିତ ପ୍ରସ୍ତାବ ଅନ୍ତର୍ଭୁକ୍ତ ଥିଲା। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବର୍ତ୍ତମାନ ସ୍ୱଚ୍ଛତା ପାଇଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି, ଯାହା ମୁଖ୍ୟତଃ ବର୍ଜ୍ୟବସ୍ତୁ ପରିଚାଳନା ଓ ବର୍ଜ୍ୟଜଳ ପରିଚାଳନା ଉପରେ ପର୍ଯ୍ୟବେସିତ। କାର୍ଯ୍ୟକାରୀ ହେଉଥିବା ଏହି ସମସ୍ତ ରାଜ୍ୟ ଯୋଜନା କଠିନ ବର୍ଜ୍ୟବସ୍ତୁ ପରିଚାଳନା (ରାଜ୍ୟ ଯୋଜନା), ବ୍ୟବହୃତ ଜଳ ପରିଚାଳନା (ରାଜ୍ୟ ଯୋଜନା), ସହରାଞ୍ଚଳ ସେପ୍ଟେଜ୍ ସିଷ୍ଟମ୍ ଇତ୍ୟାଦିର ସମନ୍ୱୟ ଓ ଏକତ୍ରିକରଣ ଦ୍ୱାରା ସୁଚାରୁରୂପେ କାମ କରିବା ପାଇଁ 'ସ୍ୱଚ୍ଛ ଓଡ଼ିଶା' ନାମକ ଏକ ନୂଆ ଯୋଜନା ତିଆରି କରାଯାଇଛି ଓ ଏହା ଫଳରେ ଯୋଜନାର କାର୍ଯ୍ୟକାରିତା ସହ ଆର୍ଥିକ ଅନୁଦାନ ପ୍ରଦାନ ଓ ପରିଚାଳନା ସହଜରେ ହୋଇପାରିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ 'ସ୍ୱଚ୍ଛ ଓଡ଼ିଶା' ଯୋଜନା ରାଜ୍ୟ ସରକାରଙ୍କ ଏହି ପ୍ରତିବଦ୍ଧତାକୁ ପ୍ରତିପାଦନ କରେ। ଏହାର ଉଦ୍ଦେଶ୍ୟ ହେଉଛି ସମସ୍ତ ସହରାଞ୍ଚଳକୁ ବର୍ଜ୍ୟମୁକ୍ତ ଓ ସ୍ୱଚ୍ଛକରିବା ଏବଂ ପୌରସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ପରିମଳର ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିବାରେ ସାହାଯ୍ୟ କରିବା। ଭାରତ କାର୍ଯ୍ୟକ୍ରମର ପରିପୂରକ ଭାବେ ତଥା ଏଥିରେ ଆଶାନୁରୂପ ଫଳାଫଳକୁ ବଳବତ୍ତର କରିବାରେ 'ସ୍ୱଚ୍ଛ ଓଡ଼ିଶା' ଯୋଜନା ସହାୟକ ହେବ। ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ, 'ସ୍ୱଚ୍ଛ ଓଡ଼ିଶା' ନାମରେ ରାଜ୍ୟ ଯୋଜନାର ଅବଧି ପାଞ୍ଚବର୍ଷ ରହିବ। ଏହି ସମୟ ଭିତରେ ୧୬୦୦ କୋଟି ଟଙ୍କା ବ୍ୟୟ ହେବ। ଏହାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଅନନ୍ୟ ଦୁର୍ଗ ଖିମସର୍
- ଅଦ୍ଭୁତ ଉଦ୍ଭାବନ
- ପୋଟ୍‌ଲି ବ୍ୟାଗ୍ ଫ୍ୟାଶନ୍
- ଅନନ୍ୟା

# ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବେ ସରକାର



ଭୁବନେଶ୍ୱର: ଖରିଫ୍ ବିପଣନ ବର୍ଷ ୨୦୨୫-୨୬ ପାଇଁ ରାଜ୍ୟ ସରକାର ଅନ୍ତତଃ ୬୩ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟଲକ୍ଷ୍ୟ ଯଥାକ୍ରମେ ୭୩ ଲକ୍ଷ ଓ ୨୦ ଲକ୍ଷ ମେଟ୍ରିକ୍ ଟନ ରହିବ । ଏହାଠାରୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସେ, ତାହା ମଧ୍ୟ ରାଜ୍ୟ ସରକାର କ୍ରୟକରିବେ। ତେବେ ଧାନ ସଂଗ୍ରହ ୧ ଅକ୍ଟୋବର ୨୦୨୫ରୁ ଆରମ୍ଭ ହୋଇ ୩୦ ସେପ୍ଟେମ୍ବର୍ ୨୦୨୬ରେ ସମାପ୍ତ ହେବ । ଏହି ବର୍ଷ ବ୍ୟାପୀ ଅବଧି ମଧ୍ୟରେ ରାଜ୍ୟ ସରକାର ଖରିଫ ଓ ରବି ଋତୁ ପାଇଁ ପୃଥକ୍ ଭାବରେ ଧାନ ସଂଗ୍ରହ କରିବେ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୨୮ତମ ଅନୁଷ୍ଠିତ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଶ୍ରୀ ଆହୁଜା କହିଛନ୍ତି, ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ 'ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି, ୨୦୨୫-୨୬'କୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସର୍ବନିମ୍ନ ସହାୟକ ରାଶି ପ୍ରଦାନ କରି ପଞ୍ଜିକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ ସ୍ୱଗ୍ରହ କରାଯିବ। ନିୟୋଜିତ କଷ୍ଟମ୍ ମିଲର୍‌ଙ୍କ ଦ୍ୱାରା ଏହି ଧାନର ସମତୁଲ୍ୟ ଚାଉଳ ସଂଗ୍ରହ କରାଯିବ। ସଂଗୃହୀତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ମୁଖ୍ୟ ଶାସନ କହିଛନ୍ତି, ଖରିଫ ବିପଣନ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏନେଇ ଏକ କ୍ୟାବିନେଟ୍ ଉପ-କମିଟି ଓ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସଂଗ୍ରହଣ ନୀତିର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବେ। ଆବଶ୍ୟକ ପଡ଼ିଲେ ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ ସଂଶୋଧନ କରିବେ। ନଭେମ୍ବର, ୨୦୨୫ରୁ ମାର୍ଚ୍ଚ, ୨୦୨୬ ମଧ୍ୟରେ ଖରିଫ ଧାନ ସଂଗ୍ରହ କରାଯିବ। ରବି ଧାନ ମେ', ୨୦୨୬ରୁ ଜୁନ୍, ୨୦୨୬ ମଧ୍ୟରେ ସଂଗ୍ରହ କରାଯିବ। ଏହି ବିସ୍ତାରିତ ସମୟସୀମା ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। କେବଳ ପଞ୍ଜିକୃତ ଚାଷୀଙ୍କଠାରୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ। ତେବେ ସରକାରଙ୍କୁ ଧାନ ବିକ୍ରି ପାଇଁ 'ଆଧାର' ହେବ ଏକମାତ୍ର ପରିଚୟପତ୍ର। ପଞ୍ଜୀକରଣ ସମୟରେ ଚାଷୀମାନେ ଆଧାର ଆଧାରିତ ଇ-କେୱାଇସି ପଞ୍ଜୀକରଣ ଏବଂ ଆଇଆର୍‌ଆଇଏସ୍ ମାଧ୍ୟମରେ ଆଧାର ଇ-କେୱାଇସି ଆଧାରିତ ଦେୟ ପାଇଁ ସମ୍ମତି ଦେବେ । ଧାନ ବିକ୍ରୟ ସମୟରେ ପଞ୍ଜିକୃତ ଚାଷୀଙ୍କ 'ଆଧାର' ମାଧ୍ୟମରେ ବାୟୋମେଟ୍ରିକ୍ ଚିହ୍ନଟିକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ। ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜିକୃତ ହୋଇଥିବା ଚାଷ ଜମିଗୁଡ଼ିକର ଶତ ପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯାଉଛି। ପଞ୍ଜିକୃତ ଜମିର ସବିଶେଷ ତଥ୍ୟର ସତ୍ୟତା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ଯାଞ୍ଚ କରାଯିବ। ପଞ୍ଜିକୃତ ଯୋଗ୍ୟ ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାଣ ସମ୍ପର୍କର ଆଗୁଆ ସୂଚନା ମୋବାଇଲ୍ ଫୋନ୍‌କୁ ଏସ୍‌ଏମ୍‌ଏସ୍ ଓ ହ୍ୱାଟ୍ସଅପ୍ ବାର୍ତ୍ତା ମାଧ୍ୟମରେ ସୂଚାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ମୁଖ୍ୟ ଶାସନ କହିଛନ୍ତି ଯେ ସରକାରଙ୍କୁ ଧାନ ବିକ୍ରୟ କରିବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଫଳରେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅଧିକ ସଂଖ୍ୟାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପ୍ରବେଶ ପାଇଁ ପଥ ସୁଗମ ହେବ। ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ୍-ଏ ଧାନ ପାଇଁ କ୍ୱିଣ୍ଟାଲ୍ ପିଛା ସହାୟକ ମୂଲ୍ୟ ଯଥାକ୍ରମେ ୨୩୬୯ ଓ ୨୩୮୯ ହାରରେ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି ବୋଲି ଶ୍ରୀ ଆହୁଜା ସ୍ପଷ୍ଟ କରିଛନ୍ତି।

## ନୂଆପଡ଼ା ଉପନିର୍ବାଚନ: ପ୍ରାର୍ଥୀଙ୍କ ଅପରାଧିକ ବିବରଣୀର ଘୋଷଣାନାମା ଜରୁରୀ

ଭୁବନେଶ୍ୱର: ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ। ପ୍ରାର୍ଥୀଙ୍କ ଅପରାଧିକ ବିବରଣୀର ଘୋଷଣାନାମା ଦେବାକୁ ପଡ଼ିବ। ମନଇଚ୍ଛା କେହି ଗଣମାଧ୍ୟମରେ ବିଜ୍ଞାପନ ଛାପି ଯାଇପାରବେ ନାହିଁ। ତାରକା ପ୍ରଚାରକଙ୍କ ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୧୧ରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନ। ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଗୋପାଳନ କହିଥିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏଣୁ ନିର୍ବାଚନକୁ ସଫଳ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚଳିତ ଉପନିର୍ବାଚନରେ ୧,୨୪,୧୦୮ ଜଣ ପୁରୁଷ ଭୋଟର୍ ରହିଥିବାବେଳେ ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟର୍‌ଙ୍କ ସହ ମୋଟ ୨,୫୩,୬୨୪ ଜଣ ଭୋଟର ଚୂଡ଼ାନ୍ତ ଭୋଟର୍ ତାଲିକାରେ ସ୍ଥାନ ପାଇଛନ୍ତି। ଚୂଡ଼ାନ୍ତ ଭୋଟର୍ ତାଲିକାରେ ୯,୪୨୯ ଜଣ ଯୁବ ଭୋଟର୍ ରହିଥିବାବେଳେ ୩୯୮୮ ଦିବ୍ୟାଙ୍ଗ ଭୋଟର୍ ଏବଂ ୧୭୮୬ ବରିଷ୍ଠ ନାଗରିକ (୮୫ ବର୍ଷରୁ ଊର୍ଦ୍ଧ୍ୱ)ରହିଛନ୍ତି। ଚଳିତ ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍ ମିଡିଆ ସମେତ ସିନେମାହଲ୍, ରେଡିଓ, ପୋଷ୍ଟର୍ ଓ ହୋର୍ଡିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ। ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି। ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ କରବାକୁ ପଡ଼ିବ। ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ ଓ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁଅଁର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଚାଲାଣ ଫାଇନ୍ ୫୦% କୋହଳ

**ଭୁବନେଶ୍ୱର:** ରାଜ୍ୟ ସରକାର ଚାଲାଣ ଜୋରିମାନାରେ ୫୦ ପ୍ରତିଶତ କୋହଳ ଘୋଷଣା କରି ଗାଡ଼ି ଚାଳକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ୩୧ ତାରିଖ ପୂର୍ବରୁ ଚାଲାଣ କଟିଥିବା ବ୍ୟକ୍ତିମାନେ ଜୋରିମାନାର ଅଧା ଅର୍ଥାତ୍ ୫୦% ପରିମାଣ ଦେଇ ମୁକୁଳି ପାଇବେ। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ ବିନା ବୈଧ ଲାଇସେନ୍ସ କିମ୍ବା ଅତିରିକ୍ତ ଯାତ୍ରୀ ନେଇ ଗାଡ଼ି ଚଳାଇବା କାରଣରୁ ୫,୦୦୦ ଟଙ୍କା ଚାଲାଣ ହୋଇଥିଲେ ୨,୫୦୦ ଟଙ୍କା, ସିଟ୍ ବେଲ୍ଟ ବିନା ଯାତ୍ରା କିମ୍ବା ବାଇକ୍‌ରେ ଅଧିକ ଯାତ୍ରୀ ନେବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କା, ଏବଂ ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କା ଦେବାକୁ ହେବ। ଏହାସହ, ଜରୁରିକାଳୀନ ଗାଡ଼ିକୁ ରାସ୍ତା ନ ଦେବା କାରଣରୁ ୧୦,୦୦୦ ଟଙ୍କା ହୋଇଥିଲେ ୫,୦୦୦ ଟଙ୍କା ଏବଂ ବିନା ବୀମାରେ ଗାଡ଼ି ଚଳାଇବା କାରଣରୁ ୨,୦୦୦ ଟଙ୍କା ଜୋରିମାନା ହୋଇଥିଲେ ୧,୦୦୦ ଟଙ୍କା ପୈଠ କରିବାକୁ ହେବ।

# କାରଖାନା କୃଷି କେତେ ଉପଯୋଗୀ

ଜନସଂଖ୍ୟାର ବିସ୍ଫୋରଣ ତଥା ଜୀବନଶୈଳୀରେ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମ୍ପ୍ରତି ବିଶ୍ୱରେ ଖାଦ୍ୟ ଚାହିଦା ଏବଂ ଭିନ୍ନତାରେ ଯଥେଷ୍ଟ ବୃଦ୍ଧି ହୋଇଛି ଓ ଏପରି ଚିତ୍ରପଟରେ 'କାରଖାନା କୃଷି' ବା 'ସଘନ ପ୍ରାଣୀ କୃଷି' (ଫ୍ୟାକ୍ଟ୍ରି ଫାର୍ମିଂ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି, ଯାହା ଖର୍ଚ୍ଚ ହ୍ରାସ ସହ ଉତ୍ପାଦନକୁ ସର୍ବାଧିକ କରିବା ଲକ୍ଷ୍ୟରେ କାର୍ଯ୍ୟରତ ଏକ ବୃହତ୍ ଶିଳ୍ପଭିତ୍ତିକ କୃଷି ପ୍ରଣାଳୀକୁ ବୁଝାଏ। ବିଗତ କିଛି ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ଏହି ପଦ୍ଧତିରେ ପ୍ରାଣୀମାନଙ୍କୁ ସଂକୀର୍ଣ୍ଣ, ପ୍ରତିବନ୍ଧିତ ସ୍ଥାନରେ, ନିୟନ୍ତ୍ରିତ ପରିବେଶରେ ସୀମିତ କରି ରଖାଯାଏ, ଯେଉଁଠାରେ ବାୟୁଚଳନ କିମ୍ବା ପ୍ରାକୃତିକ ଆଲୋକର ଯଥେଷ୍ଟ ସୁବିଧା ଉପଲବ୍ଧ ନ ଥାଏ ଓ ସେମାନେ ନିଷ୍ଠୁରତାର ଶିକାର ହେବା ସହ ସେମାନଙ୍କ ସୁସ୍ଥତା ପ୍ରତି ପ୍ରାୟତଃ ଧ୍ୟାନ ଦିଆଯାଇ ନ ଥାଏ। କାରଖାନା କୃଷି ସାଧାରଣତଃ ମାଂସ, କ୍ଷୀର ଏବଂ ଅଣ୍ଡାର ବହୁଳ ଉତ୍ପାଦନ ସହିତ ଜଡ଼ିତ, ଯଦିଓ ଏହା ମତ୍ସ୍ୟଚାଷ ଏବଂ ଫସଲ ପରି ଅନ୍ୟାନ୍ୟ କୃଷି ପଦ୍ଧତିକୁ ମଧ୍ୟ କ୍ରମେ ବିସ୍ତାରିତ ହୋଇଛି। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ କାରଖାନା କୃଷିର ଅଭ୍ୟୁଦୟ ଘଟିଥିଲେ ସୁଦ୍ଧା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଯୁଗରେ ପ୍ରଯୁକ୍ତିବିଦ୍ୟା, ପରିବହନରେ ଅଗ୍ରଗତି ତଥା ରାସାୟନିକ ସାର ଓ କୀଟନାଶକର ବ୍ୟାପକ ବ୍ୟବହାର ସହିତ ଏହା ଲୋକପ୍ରିୟତା ହାସଲ କରିଥିଲା। ଏହାର ମୌଳିକ ଲକ୍ଷ୍ୟ ହେଉଛି, ବିଶେଷକରି ଦ୍ରୁତଗତିରେ ଜନସଂଖ୍ୟା ବଢୁଥିବା ସହରାଞ୍ଚଳରେ ଖାଦ୍ୟର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା। ଶିଳ୍ପ ବ୍ୟବସ୍ଥାର 'ବହୁଳ ଉତ୍ପାଦନ କୌଶଳ'କୁ ଅବଲମ୍ବନ କରି, କାରଖାନା କୃଷି ଏକା ସମୟରେ ଅନେକ ହଜାର ପ୍ରାଣୀଙ୍କୁ ଏକତ୍ର ରଖି ଅପେକ୍ଷାକୃତ ସ୍ୱଳ୍ପ ସମୟରେ, କମ୍ ଖର୍ଚ୍ଚରେ ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପାଦନ କରିବାରେ ସକ୍ଷମ ହୁଏ। ଏପରି କେନ୍ଦ୍ରୀକରଣର ଅର୍ଥ ହେଉଛି କାରଖାନା ଫାର୍ମଗୁଡ଼ିକ ପ୍ରଜନନଠାରୁ ହତ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳକୁ ନିୟନ୍ତ୍ରଣ ଏବଂ ସୁବ୍ୟବସ୍ଥିତ କରିପାରିବେ।

ଏପରି ସଘନ ପାଳନର ବିବାଦୀୟ ଦିଗ ହେଉଛି ଏଥିରେ ପଶୁମାନଙ୍କୁ ଅତ୍ୟଧିକ ଭିଡ଼, ସୀମିତ ଚଳପ୍ରଚଳ ସୁବିଧା ଏବଂ ଅପର୍ଯ୍ୟାପ୍ତ ଚିକିତ୍ସା ସେବାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଦୃଷ୍ଟାନ୍ତ ସ୍ୱରୂପ, ଘୁଷୁରିମାନଙ୍କୁ ପ୍ରାୟତଃ ଛୋଟ ଗର୍ଭଧାରଣ ଢାବଲରେ ସୀମିତ ରଖାଯାଏ, ଯେଉଁଠାରେ ସେମାନେ ଠିକ୍ ରୂପେ ବୁଲିପାରନ୍ତି ନାହିଁ। କୁକୁଡ଼ାମାନେ ବ୍ୟାଟେରି ପିଞ୍ଜରାରେ ଆବଦ୍ଧ ରୁହନ୍ତି, ଯେଉଁଠି ସେମାନଙ୍କ ଡେଣା ବିସ୍ତାର କରିବା ସମ୍ଭବପର ହୁଏନାହିଁ। ଏପରି ପରିସ୍ଥିତି ପ୍ରାଣୀଙ୍କ ପାଇଁ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାର କାରଣ ହୁଏ, ଫଳରେ ସେମାନେ ବିଭିନ୍ନ ରୋଗ, ବିକୃତି ଏବଂ ଆଘାତ ସମେତ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି। ପ୍ରାଣୀମାନଙ୍କର ଶୀଘ୍ର ବୃଦ୍ଧି ଲକ୍ଷ୍ୟରେ ବାଛି ବାଛି ପ୍ରଜନନ କରାଯାଏ, ଯାହାର ପରିଣାମରେ ମାଂସପେଶୀର କ୍ଷତି ଏବଂ ବ୍ରଏଲର୍ କୁକୁଡ଼ାଙ୍କର ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି ହୁଏ। ଅଧିକନ୍ତୁ, ଏହି ଫାର୍ମଗୁଡ଼ିକ ପ୍ରାୟତଃ ଅମାନବୀୟ ହତ୍ୟା ପଦ୍ଧତି ଅବଲମ୍ବନ କରନ୍ତି, ଯେପରିକି ପ୍ରାଣୀମାନଙ୍କୁ ହତ୍ୟା କରିବା ପୂର୍ବରୁ ବିଦ୍ୟୁତ୍ ଆଘାତ କିମ୍ବା ଗ୍ୟାସ ପ୍ରୟୋଗ ଦ୍ୱାରା ଆତଙ୍କିତ କରିବା। ପ୍ରାଣୀ ଅଧିକାର ସଂଗଠନଗୁଡ଼ିକ କାରଖାନା କୃଷିନୀତିକୁ ସମାଲୋଚନାକରି ଯୁକ୍ତି ବାଢ଼ନ୍ତି ଯେ ମଣିଷ ପରି ପଶୁଙ୍କର ମଧ୍ୟ ଦୁଃଖ ଏବଂ ଶୋଷଣରୁ ମୁକ୍ତ ହୋଇ ବଞ୍ଚିବାର ଅଧିକାର ରହିଛି।

ଏହି କୃଷି ପଦ୍ଧତିର କେତେକ ପରିବେଶଗତ ସମସ୍ୟା ରହିଛି। କାରଖାନା ଫାର୍ମଗୁଡ଼ିକର ମୌଳିକ ଆବଶ୍ୟକତା ହେଉଛି ପ୍ରଚୁର ପରିମାଣରେ ଜମି, ଜଳ ଏବଂ ଖାଦ୍ୟ। ଉଦାହରଣ ସ୍ୱରୂପ, ଗୋଟିଏ ଗାଇ ନିମନ୍ତେ ପ୍ରତିଦିନ ଶହ ଶହ ଲିଟର ପାଣି ଦରକାର ପଡ଼େ। ପଶୁମାନଙ୍କର ଖାଇବା ନିମନ୍ତେ ବିପୁଳ ପରିମାଣର ଖାଦ୍ୟଶସ୍ୟ ଦରକାର ପଡ଼େ। ଏହା ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରେ, ଯାହା ଜଙ୍ଗଲ ହ୍ରାସ, ଜଳ ସଙ୍କଟ ଓ ପ୍ରଦୂଷଣ ଏବଂ ମୃତ୍ତିକା ଅବକ୍ଷୟ ଭଳି ସମସ୍ୟାର କାରଣ ହୁଏ। ଏହା ସହିତ କାରଖାନା ଫାର୍ମଗୁଡ଼ିକ ମିଥେନ୍ ଭଳି ସବୁଜଗୃହ ଗ୍ୟାସ ନିର୍ଗମନର ପ୍ରମୁଖ ଉତ୍ସ। ଏହା ପଶୁପାଳନ, ବିଶେଷକରି ଗାଇ ଏବଂ ମେଣ୍ଢାଙ୍କଠାରୁ ପ୍ରଚୁର ପରିମାଣରେ ନିର୍ଗତ ହୁଏ। ଯନ୍ତ୍ରପାତି ଚଳାଇବାଠାରୁ ଆରମ୍ଭ କରି ପଶୁ ପରିବହନ ପର୍ଯ୍ୟନ୍ତ, କାରଖାନା କୃଷି କାର୍ଯ୍ୟରେ ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ହୁଏ, ଯେଉଁଥିରୁ ନିର୍ଗତ ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ବାଷ୍ପ ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରେ।

କାରଖାନା କୃଷି ଅନେକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ବିପଦ ସହିତ ଜଡ଼ିତ। ଫାର୍ମଗୁଡ଼ିକର ସଂକୀର୍ଣ୍ଣ, ଅପରିଷ୍କାର ପରିସ୍ଥିତି ବିଭିନ୍ନ ରୋଗ ସୃଷ୍ଟି କରେ, ଯାହା ମଧ୍ୟରୁ କିଛି ରୋଗ ମଣିଷକୁ ବ୍ୟାପିବାର ସମ୍ଭାବନା ଥାଏ। ବାର୍ଡ଼ ଫ୍ଲୁ ଏବଂ ସ୍ୱାଇନ୍ ଫ୍ଲୁ ଭଳି ପ୍ରାଣୀଉତ୍ସ (ଜୁନୋଟିକ) ରୋଗର ପ୍ରାଦୁର୍ଭାବ ପ୍ରାୟତଃ କାରଖାନା ଫାର୍ମରୁ ଆରମ୍ଭ ହୋଇଛି। ପ୍ରାଣୀମାନଙ୍କର ଶାରୀରିକ ବୃଦ୍ଧି ଘଟାଇବା ଏବଂ ରୋଗ ସଂକ୍ରମଣ ରୋକିବା ନିମନ୍ତେ ଉଦ୍ଦିଷ୍ଟ ପଶୁଖାଦ୍ୟରେ ନିୟମିତ ଆଣ୍ଟିବାୟୋଟିକ୍ ବ୍ୟବହାର, ଆଣ୍ଟିବାୟୋଟିକ୍-ପ୍ରତିରୋଧୀ ବୀଜାଣୁମାନଙ୍କର ଉତ୍ପତ୍ତିକୁ ପ୍ରଶ୍ରୟ ଦେଇଛି, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟିକରେ। ଏହା ସହିତ କାରଖାନା କୃଷି ପଦ୍ଧତି ଖାଦ୍ୟଜନିତ ରୋଗ ବୃଦ୍ଧି କରେ। ମାଂସର ବୃହତ୍ ପରିମାଣର ପ୍ରକ୍ରିୟାକରଣରେ ପ୍ରାୟତଃ ସତେଜତାର ସଂରକ୍ଷଣ ଏବଂ ପ୍ରଦୂଷଣର ପ୍ରତିରୋଧ ନିମନ୍ତେ କେତେକ ରାସାୟନିକ ପଦାର୍ଥ ଏବଂ ଏଡିଟିଭ୍‌ର ବ୍ୟବହାର ହୋଇଥାଏ। ତଥାପି ଏହି ପଦକ୍ଷେପଗୁଡ଼ିକ ସର୍ବଦା ପ୍ରଭାବଶାଳୀ ହୋଇ ନ ପାରେ, ଯାହାର ପରିଣାମରେ ଇ. କୋଲାଇ ଏବଂ ସାଲମୋନେଲା ଭଳି ରୋଗର ପ୍ରାଦୁର୍ଭାବ ଘଟିଥାଏ।

ଏହି ପ୍ରାଣୀ କୃଷିର ନକାରାତ୍ମକ ପ୍ରଭାବ ପ୍ରସଙ୍ଗରେ ସଚେତନତା ବୃଦ୍ଧି ପାଇବା ସହିତ ବିକଳ୍ପ ପନ୍ଥା ନିମନ୍ତେ ଆହ୍ୱାନ ସୃଷ୍ଟି ହୋଇଛି। ଏଥିମଧ୍ୟରୁ କେତୋଟି ହେଉଛି ଜୈବିକ କୃଷି, ମୁକ୍ତ-ପରିସର ପ୍ରାଣୀପାଳନ ଏବଂ ପ୍ରୟୋଗଶାଳାରେ ଉତ୍ପାଦିତ (କଲ୍‌ଚର୍ଡ) ମାଂସ, ଯାହା ପଶୁହତ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିବାର ଲକ୍ଷ୍ୟ ରଖେ। ଏହି ବିକଳ୍ପଗୁଡ଼ିକ ସାଧାରଣତଃ ପ୍ରାଣୀ କଲ୍ୟାଣ, ପରିବେଶୀୟ ସ୍ଥିରତା ଏବଂ ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଏ। ଯଦିଓ ଏଗୁଡ଼ିକ ଉତ୍ପାଦନ ଦୃଷ୍ଟିରୁ ଅଧିକ ମହଙ୍ଗା, ଅନେକ ଯୁକ୍ତି ବାଢ଼ନ୍ତି ଯେ ଦୀର୍ଘକାଳୀନ ହିତସାଧନ ହେଉଛି ବ୍ୟୟ ତୁଳନାରେ ଅଧିକ ଲାଭଜନକ। ଏହା ସହିତ ଉଦ୍ଭିଦ-ଆଧାରିତ ଖାଦ୍ୟ ଏବଂ ଉଦ୍ଭିଦ-ପ୍ରସ୍ତୁତ ବିକଳ୍ପର ବୃଦ୍ଧି ପ୍ରାଣୀ ଉତ୍ପାଦର ଚାହିଦାକୁ କ୍ରମେ ହ୍ରାସ କରୁଛି, ଯାହା କାରଖାନା କୃଷିର ପ୍ରଭାବକୁ ନିମ୍ନଗାମୀ କରିବା ନିମନ୍ତେ ଏକ ଉତ୍ତମ ଉପାୟ ପ୍ରଦାନ କରେ। ଅଧିକ ମାନବୀୟ ଏବଂ ସ୍ଥାୟୀ କୃଷି ପଦ୍ଧତିର ପ୍ରୋତ୍ସାହନ ଦିଗରେ ଆନ୍ଦୋଳନମାନ କ୍ରମେ ଗତିଶୀଳ ହେଉଛି ଓ ଅନ୍ୟପକ୍ଷରେ କେତେକ ଉପଭୋକ୍ତା, କର୍ମୀ ଏବଂ ନୀତି ନିର୍ଦ୍ଧାରକ ବର୍ତ୍ତମାନର ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇବା ନିମନ୍ତେ ଆହ୍ୱାନ ଦେଉଛନ୍ତି।

କାରଖାନା କୃଷି ପ୍ରଣାଳୀ ଖାଦ୍ୟ ଉତ୍ପାଦନରେ ବିପ୍ଳବ ଆଣିଛି ସତ, କିନ୍ତୁ ଏହା ଘଟିଛି ଗୁରୁତ୍ୱପୂର୍ଣ୍ଣ ନୈତିକ, ପରିବେଶଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୂଲ୍ୟରେ। ସମାଜ ଏପରି ଆହ୍ୱାନସବୁର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ, ଖାଦ୍ୟ ଉତ୍ପାଦନର ଭବିଷ୍ୟତକୁ ସୁଦୃଢ଼ କରିବା ନିମନ୍ତେ ଦକ୍ଷତା ସହିତ ସହନୀୟତା ଏବଂ କରୁଣାକୁ ସନ୍ତୁଳିତ କରୁଥିବା ସମାଧାନର ପନ୍ଥା ନିରୂପଣ ତାତ୍ପର୍ଯ୍ୟପୂର୍ଣ୍ଣ ହେବ। ଏହି ଶିଳ୍ପରେ ସଂସ୍କାର ମାଧ୍ୟମରେ ହେଉ, ଉଦ୍ଭିଦ-ଆଧାରିତ ଖାଦ୍ୟ ବ୍ୟବହାରରେ ବୃଦ୍ଧି ଦ୍ୱାରା ହେଉ ଅଥବା ଅଭିନବ ବିକଳ୍ପ ବିକାଶ ମାଧ୍ୟମରେ ହେଉ, କାରଖାନା କୃଷି ସହିତ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ ଆଗାମୀ ବର୍ଷଗୁଡ଼ିକରେ ମଣିଷ ଏବଂ ପ୍ରାଣୀ ଉଭୟଙ୍କ କଲ୍ୟାଣ ସାଧନ ନିମନ୍ତେ ଅପରିହାର୍ଯ୍ୟ।

# ସ୍ୱାସ୍ଥ୍ୟ ସେବା ଉପରେ ଆକ୍ରମଣ

ଗତ ମାସରେ ଜାତିସଂଘ ସାଧାରଣ ସଭାରେ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଏବଂ ପର୍ତ୍ତୁଗାଲ ସମେତ ୧୫୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ଦେଶ ଭାବେ ସ୍ୱୀକୃତି ଦେଇଥିଲେ। ଏହି ପଦକ୍ଷେପ ସହିତ ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣ ପରେ ଗାଜାରେ ଇସ୍ରାଏଲର ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ନେଇ ବିଶ୍ୱର ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହା ଯୁକ୍ତିଯୁକ୍ତ ମନେହୁଏ। ଇସ୍ରାଏଲ ସରକାର ବିଶେଷକରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଅନ୍ତର୍ଜାତୀୟ ମାନବୀୟ ଆଇନକୁ ଉଲ୍ଲଂଘନ କରିଛି। କିନ୍ତୁ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ପାଇଁ ସାଙ୍କେତିକ ସମର୍ଥନ ଇସ୍ରାଏଲକୁ ଉତ୍ତରଦାୟୀ କରାଇବା ପାଇଁ ଯଥେଷ୍ଟ ହେବ ନାହିଁ। ସେହିଭଳି ଅନ୍ତର୍ଜାତୀୟ ନିୟମକୁ ଇସ୍ରାଏଲର ଖୋଲାଖୋଲି ଉଲ୍ଲଂଘନ କରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଇସ୍ରାଏଲ କରିଥିବା କ୍ଷତିକୁ ବିଶ୍ୱର ବିଭିନ୍ନ ଦେଶର ସରକାର ଭରଣା କରିବା ଦରକାର। ଯଦି ଏହା କରିବାରେ ବିଫଳ ହୁଅନ୍ତି, ତେବେ ଭବିଷ୍ୟତରେ ଯୁଦ୍ଧ ପାଇଁ ଏହା ଏକ ବିପଜ୍ଜନକ ଦୃଷ୍ଟାନ୍ତ ହୋଇ ରହିଯିବ।

ଦୁଇ ବର୍ଷରୁ ଅଧିକ ସମୟ ହେଲା ଇସ୍ରାଏଲ୍ ଗାଜାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଆକ୍ରମଣ କରିଛି ଏବଂ ୱେଷ୍ଟ ବ୍ୟାଙ୍କରେ କିଛି ମାତ୍ରାରେ ଏହା ଘଟିଛି। ୭ ଅକ୍ଟୋବର ୨୦୨୩ରୁ ୩୦ ଜୁନ୍ ୨୦୨୪ ମଧ୍ୟରେ ସ୍ୱାସ୍ଥ୍ୟସେବା ଉପରେ ହୋଇଥିବା ୮୦୦ରୁ ଅଧିକ ଆକ୍ରମଣ ଏବଂ ଆକ୍ରମଣସ୍ଥଳ ନିକଟବର୍ତ୍ତୀ ହସ୍ପିଟାଲଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇଥିଲା। ଗାଜାରେ ହୋଇଥିବା ମୋଟ ଆକ୍ରମଣର ୫୦.୪%ରେ ଚିକିତ୍ସା ଭିତ୍ତିଭୂମି କ୍ଷତି ହୋଇଥିବାବେଳେ ୪୯.୬% ଆକ୍ରମଣରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ କ୍ଷତି ଘଟିଛି। ଇସ୍ରାଏଲ୍‌ର ଅନେକ ଆକ୍ରମଣ ଗାଜାର ତିନୋଟି ବୃହତ୍ ହସ୍ପିଟାଲ ଯଥା ଖାନ୍ ୟୁନିସର ନାସର ହସ୍ପିଟାଲ, ଗାଜା ସିଟିରେ ଅଲ୍-ସିଫା ହସ୍ପିଟାଲ ଏବଂ ଜବାଲିଆରେ ଅଲ୍-ଓ୍ୱଦା ହସ୍ପିଟାଲ ଚାରିପାଖରେ କେନ୍ଦ୍ରିତ ଥିଲା। ଅଗଷ୍ଟରେ ନାସର ହସ୍ପିଟାଲରେ ହୋଇଥିବା ଆକ୍ରମଣର ବହୁଳ ପ୍ରସାରିତ ଭିଡିଓ ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ। ପ୍ରଥମ ପରେ ଦ୍ୱିତୀୟଥର ଆକ୍ରମଣରେ ଯେଉଁମାନଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ଥିଲେ ଅନେକ ସାମ୍ବାଦିକ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ, ଯାହାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ 'ଦୁଃଖଦ ଦୁର୍ଘଟଣା' ବୋଲି କହିଛନ୍ତି।

ଯୁଦ୍ଧର ପରିଣାମ ଅତ୍ୟନ୍ତ ବିଧ୍ୱଂସକ ହୋଇଛି। ଗାଜାରେ ଥିବା ହସ୍ପିଟାଲଗୁଡ଼ିକ ମଧ୍ୟରୁ ଅଧାରୁ ସାମାନ୍ୟ ଅଧିକ ଆଂଶିକ କାମ କରୁଛି। ଏଯାବତ୍ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ୨୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଛି କିମ୍ବା ଆହତ ହୋଇଛନ୍ତି। ଏହା ବ୍ୟତୀତ ଇସ୍ରାଏଲ୍ ସେନା ଅନ୍ୟାୟ ଭାବେ ଅଟକ ରଖିଥିବା ଅତି କମ୍‌ରେ ୪୦୫ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଯାତନା ଦିଆଯାଇଥିବା ଜଣାପଡ଼ିଛି। ଯୁଦ୍ଧ ବିରତି ହେଲେ ମଧ୍ୟ ତଥାପି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପୁନର୍ଗଠନ ପାଇଁ ଅନେକ ଦଶନ୍ଧି ଲାଗିଯିବ। ଜଣେ ଡାକ୍ତର ଭାବେ ମୁଁ ଜାଣେ ଯେ, ନିର୍ଯାତନାର କୌଣସି ସ୍ତର ନାହିଁ। ହସ୍ପିଟାଲ ଓ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ନେଉଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ପାଇଁ ସ୍ପଷ୍ଟ ଭାବେ ଅନ୍ତର୍ଜାତୀୟ ଆଇନ ରହିଛି। ତେବେ ସେମାନଙ୍କ ମୃତ୍ୟୁ ଆକ୍ରମଣ ଯୋଗୁ ଘଟିନାହିଁ ବୋଲି କହିବା ଆମ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଶତ୍ରୁର କ୍ଷତି କରିବା ଭଳି ସେନା କାର୍ଯ୍ୟକଳାପ ପାଇଁ ଯଦି ହସ୍ପିଟାଲକୁ ବ୍ୟବହାର କରାଯାଏ, ତେବେ ହସ୍ପିଟାଲ ତାହାର ସୁରକ୍ଷିତ ସ୍ଥିତିକୁ ହରାଇଥାଏ। ମେଡିକାଲ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଇସ୍ରାଏଲ ଏହି ଯୁକ୍ତି ଉପରେ ବିଶ୍ୱାସ କରି ଦାବି କରିଛି ଯେ, ସେଗୁଡ଼ିକ ହମାସ୍ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି। କିନ୍ତୁ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି)ର ପୂର୍ବତନ ପ୍ରୋସିକ୍ୟୁଟର ପାଲେଷ୍ଟାଇନ କ୍ଷତିର ତଦନ୍ତ ସମୀକ୍ଷା କରୁଥିବା ଆଣ୍ଡ୍ର୍ୟୁ କେଲେଙ୍କ ମତରେ ଏହିସବୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଇସ୍ରାଏଲ୍ ତା' ଦାବିକୁ ସିଦ୍ଧ କରିବା ପାଇଁ ପ୍ରମାଣକୁ ସ୍ୱାଧୀନ ଭାବେ ଯାଞ୍ଚ ନ କରି ହସ୍ପିଟାଲକୁ ମାଟିରେ ମିଶାଇଦେବା ଏବଂ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ତା' ଅଧିକାର ବାହାରେ।

ବିଶ୍ୱର ନେତାମାନେ ଅନ୍ତର୍ଜାତୀୟ ମାନବୀୟ ଆଇନ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ନିଶ୍ଚିତ କରିବା ଦରକାର। ୨୦୨୪ରେ ଆଇସିସି ୭ ଅକ୍ଟୋବର ଆକ୍ରମଣ ଓ ତା' ପରବର୍ତ୍ତୀ ଗାଜାରେ ଯୁଦ୍ଧ ଅପରାଧର ତଦନ୍ତ ପରେ ହମାସ୍ ଓ ଇସ୍ରାଏଲ୍ ନେତାମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା। ଜାତିସଂଘ ସୁରକ୍ଷା ପରିଷଦ ଗାଜାର ସ୍ୱାସ୍ଥ୍ୟସେବା ଉପରେ ଇସ୍ରାଏଲ୍ ଆକ୍ରମଣ ଉପରେ ତଦନ୍ତ ଓ ବିଚାର ପାଇଁ ଆଇସିସିକୁ ସୁପାରିସ କରିଥିଲା। ସୁରକ୍ଷା ପରିଷଦର ଏହି ସୁପାରିସ୍‌କ୍ରମେ ଆଇସିସିର ଅଣ-ସଦସ୍ୟ ଦେଶ ଭାବେ ଇସ୍ରାଏଲ୍‌ର ତଦନ୍ତ ଓ ବିଚାର ପାଇଁ କୋର୍ଟର ନ୍ୟାୟିକ କ୍ଷେତ୍ର ରହିଛି, ଯାହା ୨୦୧୧ରେ ଡାର୍‌ଫୁର ଓ ଲିବ୍ୟା କ୍ଷେତ୍ରରେ ଘଟିଥିଲା। ହେଲେ ଏହି ବାଟରେ ବାଧା ଉପୁଜିଛି। କାରଣ ଇସ୍ରାଏଲ୍‌କୁ ନେଇ ଆଇସିସି କରିଥିବା ସୁପାରିସ ଉପରେ ଆମେରିକା ଭିଟୋ ପ୍ରୟୋଗ କରିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣଗୁଡ଼ିକୁ ନିନ୍ଦା କରି ଏକ ପ୍ରସ୍ତାବ ଅଣାଗଲେ ତାହା ରାଜନୈତିକ ଗତିରୋଧକୁ ହଟାଇପାରିବ ଏବଂ ଅନ୍ତର୍ଜାତୀୟ ଆଇନକୁ ନିଶ୍ଚିତ କରିବା ଲାଗି ଏକ ଲମ୍ବା ପଥ ପ୍ରସ୍ତୁତ କରିପାରିବ। ୨୦୧୬ରେ ଏହି ସମସ୍ୟାର ସମାଧାନ ପାଇଁ ସୁରକ୍ଷା ପରିଷଦରେ ଶେଷ ପ୍ରସ୍ତାବ ପାସ୍ ହୋଇଥିଲା। ତା'ପରଠାରୁ ମିଲିଟାରି ଟେକ୍‌ନୋଲୋଜିରେ ବିକାଶ ଘଟିଛି ଏବଂ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ ତୀବ୍ର ହୋଇଛି, ଯାହା ନିକଟରେ ୟୁକ୍ରେନ୍, ସୁଦାନ ଏବଂ ସିରିଆରେ ଘଟିଛି। ନାଗରିକଙ୍କ ମୃତ୍ୟୁକୁ ସକ୍ରିୟ ଭାବେ ସନ୍ଧାନ କରି ତାହାକୁ ଇନ୍‌ସିକ୍ୟୁରିଟି ଇନ୍‌ସାଇଟ୍ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଯାଞ୍ଚ କରାଯାଉଛି। ଆମ ସମକ୍ଷ ଅନ୍ୟ ଗବେଷକଙ୍କ ଗବେଷଣା, ସାଟେଲାଇଟ ଛବିର ବିଶ୍ଳେଷଣ ଏବଂ ଯୁଦ୍ଧ ସମୟରେ କାର୍ଯ୍ୟରତ ଡାକ୍ତରମାନଙ୍କ ସାକ୍ଷ୍ୟ ଏବକାର ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳର ବାସ୍ତବତାକୁ ପ୍ରତିପାଦିତ କରୁଥିବା ଏକ ପ୍ରସ୍ତାବ ପାଇଁ ଅତ୍ୟନ୍ତ ଆବଶ୍ୟକ।

ପ୍ରମାଣକୁ ସ୍ୱୀକାର କରାଯିବା ଦରକାର ଏବଂ ଏହାକୁ ଭୁଲ୍ ପ୍ରମାଣିତ କରାଯାଇ ନ ପାରେ। ଗାଜା ଏବଂ ଏହା ବାହାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଗୁଳି କରାଯାଇଛି। ନିରପେକ୍ଷ ଚିକିତ୍ସା ସେବା ଯୋଗାଇ ଦେବା ଯେଭଳି ଡାକ୍ତରଙ୍କ ନୈତିକ ଦାୟିତ୍ୱ, ସେହିଭଳି ଯୁଦ୍ଧର ନିୟମଗୁଡ଼ିକୁ ପାଳନ କରିବା ବିଶ୍ୱ ନେତାଗଣଙ୍କ ଦାୟିତ୍ୱ। ବିଶ୍ୱରେ ଯୁଦ୍ଧରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ କରାଯାଉଥିବାରୁ ବନ୍ଧୁକ ନୀରବିଗଲା ପରେ ମଧ୍ୟ ଯନ୍ତ୍ରଣା ଦୀର୍ଘଦିନ ଧରି ଲାଗି ରହିବ।

# ଭାରତରେ ଖୋଲିବ ୯ ବ୍ରିଟିଶ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍

ମୁମ୍ବାଇ: ନିଜ ଦୁଇଦିନିଆ ଭାରତ ଗସ୍ତ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ତଥା ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ)ର ଅଧ୍ୟକ୍ଷ ନନ୍ଦନ ନିଲେକାଣୀଙ୍କୁ ଭେଟିଛନ୍ତି। ଏହି ସମୟରେ ଷ୍ଟାର୍ମର୍ ଭାରତର 'ଆଧାର' ବ୍ୟବସ୍ଥା ଭଳି ନିଜ ଦେଶ ପାଇଁ ମଧ୍ୟ ଏକ ଡିଜିଟାଲ୍ ପରିଚୟ ବ୍ୟବସ୍ଥା ପ୍ରଚଳନ କରିବାକୁ ଯୋଜନା କରୁଥିବା ନିଲେକାଣୀଙ୍କୁ କହିଥିବା 'ଦି ଗାର୍ଡିଅନ୍' ରିପୋର୍ଟ କରିଛି।

ପ୍ରକାଶ, ଗତ ମାସରେ ଷ୍ଟାର୍ମର୍ ନିଜ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ବ୍ରିଟିଶ ନାଗରିକ ଏବଂ ସ୍ଥାୟୀ ବାସିନ୍ଦାଙ୍କୁ କାର୍ଯ୍ୟ ପାଇଁ ବାଧ୍ୟତାମୂଳକ ଡିଜିଟାଲ୍ ପରିଚୟପତ୍ର ଆବଶ୍ୟକ ହେବ। ଏହା ଦେଶରେ ଅନଧିକୃତ ପ୍ରବେଶ ହ୍ରାସ କରିବ ଏବଂ ସ୍ୱାସ୍ଥ୍ୟସେବା, କଲ୍ୟାଣ, ଶିଶୁ ଯତ୍ନ ଓ ଅନ୍ୟାନ୍ୟ ସାର୍ବଜନିକ ସେବା ପ୍ରାପ୍ତିକୁ ସହଜ କରିବ ବୋଲି ସେ କହିଥିଲେ। ଅବଶ୍ୟ ଏହାକୁ ନେଇ ଷ୍ଟାର୍ମର ଏବଂ ତାଙ୍କ ସରକାରଙ୍କୁ ୟୁକେରେ ବିରୋଧୀ ଦଳଙ୍କ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ଆଉ ଦୁଇଟି ବ୍ରିଟିଶ୍ ବିଶ୍ୱବିଦ୍ୟାଳୟ (ଲାଙ୍କାଷ୍ଟର ବିଶ୍ୱବିଦ୍ୟାଳୟ ଏବଂ ସରେ ବିଶ୍ୱବିଦ୍ୟାଳୟ) ଖୁବ୍‌ଶୀଘ୍ର ଭାରତରେ ଆଉ ଦୁଇଟି କ୍ୟାମ୍ପସ୍ ଖୋଲିବେ। ଏହାକୁ ମିଶାଇ ମୋଟ୍ ୯ଟି ୟୁକେ ବିଶ୍ୱବିଦ୍ୟାଳୟ ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କ କ୍ୟାମ୍ପସ୍ ଖୋଲିବାକୁ ଯାଉଛନ୍ତି। ପୂର୍ବରୁ ୭ଟି ବିଶ୍ୱବିଦ୍ୟାଳୟ (ସାଉଥ୍ ଆମ୍ପଟନ୍, ୟୁନିଭର୍‌ସିଟି ଅଫ୍ ୟର୍କ, ୟୁନିଭର୍‌ସିଟି ଅଫ୍ ଆବରଡିନ୍, ୟୁନିଭର୍‌ସିଟି ଅଫ୍ ବ୍ରିଷ୍ଟଲ୍, ୟୁନିଭର୍‌ସିଟି ଅଫ୍ ଲିଭରପୁଲ୍, କୁଇନ୍‌ସ୍ ୟୁନିଭର୍‌ସିଟି ଅଫ୍ ବେଲ୍‌ଫାଷ୍ଟ, ୟୁନିଭର୍‌ସିଟି ଅଫ୍ କୋଭେର୍ଣ୍ଟି ) ସେମାନଙ୍କ କ୍ୟାମ୍ପସ୍ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ କରିସାରିଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ଏସବୁଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ଅନୁମାନ କରାଯାଉଛି। ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଗୁରୁବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଷ୍ଟାର୍ମର୍ କହିଛନ୍ତି, ୟୁକେର ୯ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାରତରେ ସେମାନଙ୍କର କ୍ୟାମ୍ପସ୍ ପ୍ରତିଷ୍ଠା କରିବେ। ଏହି ପଦକ୍ଷେପ ୟୁକେ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ସମର୍ଥନ କରେ। ଏହା ଗବେଷଣା ଏବଂ ଶୈକ୍ଷିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବ। ଏହା ଦୁଇ ରାଷ୍ଟ୍ର ମଧ୍ୟରେ ସହଭାଗୀତାକୁ ମଜବୁତ କରିବ। ଭାରତ ସହ ଭିସା ଚୁକ୍ତି ଚାହୁଁ ନଥିବା ବ୍ରିଟେନ୍, ଷ୍ଟାର୍ମର୍ ୟୁକେର ନଟିଂହାମ୍ ଟ୍ରେଣ୍ଟ ବିଶ୍ୱବିଦ୍ୟାଳୟ ଭାରତୀୟ ଛାତ୍ରଙ୍କ ପାଇଁ ଯୋଗ୍ୟତା-ଭିତ୍ତିକ ଛାତ୍ରବୃତ୍ତି ପ୍ରଦାନ କରିବ ବୋଲି ମଧ୍ୟ କହିଛନ୍ତି। ଏହି ପଦକ୍ଷେପ ଗବେଷଣା, ନବସୃଜନ ଏବଂ ଶୈକ୍ଷିକ ଆଦାନପ୍ରଦାନରେ ଅଧିକ ସହଯୋଗକୁ ସୁଗମ କରିବ ବୋଲି ଆଶା କରାଯାଉଛି, ଯାହା ଛାତ୍ର ଏବଂ ବୃତ୍ତିଗତମାନଙ୍କୁ ସମାନ ଭାବରେ ଲାଭ ଦେବ। ଏହି ପଦକ୍ଷେପ ୟୁକେ ଏବଂ ଭାରତ ମଧ୍ୟରେ ଶିକ୍ଷାଗତ ସହଯୋଗକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି।

# ଭାରତକୁ କ୍ଷେପଣାସ୍ତ୍ର ଯୋଗାଇବାକୁ ପ୍ରତିଶ୍ରୁତି, ୬୮ ନିୟୁତ ଡଲାର୍‌ର ସାମରିକ ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ: ଭାରତୀୟ ସେନାକୁ ୟୁକେ-ନିର୍ମିତ ହାଲୁକା କ୍ଷେପଣାସ୍ତ୍ର ସବୁ ଯୋଗାଇବା ପାଇଁ ବ୍ରିଟେନ୍ ୩୫୦ ନିୟୁତ ଚୁକ୍ତି ସ୍ୱାକ୍ଷର କରିଛି। ଏହା ଦ୍ୱିପାକ୍ଷିକ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷା ସହଭାଗୀତାକୁ ଗଭୀର କରୁଛି। ଉଭୟ କିର୍ ଷ୍ଟାର୍ମର ଏବଂ ନରେନ୍ଦ୍ର ମୋଦୀ ମିଳିତ ଭାବେ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ସେହିପରି ପ୍ରାୟ ୬୪ରୁ ଊର୍ଦ୍ଧ୍ୱ ଭାରତୀୟ କମ୍ପାନୀ ୟୁକେରେ ନିବେଶ କରିବା ଆଗ୍ରହ ବ୍ୟକ୍ତ କରିଥିବା ଜଣାପଡ଼ିଛି।

# ଲାସ୍‌ଲୋ କ୍ରାସ୍ନାହୋରକାଇଙ୍କୁ ସାହିତ୍ୟରେ ନୋବେଲ୍

ଷ୍ଟକହୋମ: ସ୍ୱିଡିସ୍ ଏକାଡେମୀ ପକ୍ଷରୁ ସାହିତ୍ୟ ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ସାହିତ୍ୟ କ୍ଷେତ୍ରରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏଥର ହଙ୍ଗେରୀର ପ୍ରଖ୍ୟାତ ଔପନ୍ୟାସିକ ଲାସ୍‌ଲୋ କ୍ରାସ୍ନାହୋରକାଇଙ୍କ ନାମକୁ ଏହି ସର୍ବଶ୍ରେଷ୍ଠ ସମ୍ମାନ ପାଇଁ ମନୋନୀତ କରାଯାଇଛି। ସ୍ୱିଡିସ୍ ଏକାଡେମୀ କହିଛି ଯେ ୭୧ ବର୍ଷୀୟ ଲାସଲୋ କ୍ରାସ୍ନାହୋରକାଇଙ୍କ ପ୍ରତ୍ୟେକ ସୃଜନୀଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଦୂରଦୃଷ୍ଟିସମ୍ପନ୍ନ। ତାଙ୍କ ଆଲେଖ୍ୟଗୁଡ଼ିକରେ ବିଶ୍ୱର ଧ୍ୱଂସ ଏବଂ ଭୟ ମଧ୍ୟରେ ମଧ୍ୟ କଳାର ଶକ୍ତି ପ୍ରଦର୍ଶନ କରିଥାଏ। ତାଙ୍କ ପୁସ୍ତକଗୁଡ଼ିକରେ ଲିଖିତ ଶବ୍ଦାବଳୀ ଅତ୍ୟନ୍ତ ଦାର୍ଶନିକ ଦୃଷ୍ଟିକୋଣ ସମ୍ପନ୍ନ। ଏଗୁଡ଼ିକ ମାନବତା, ଅରାଜକତା ଏବଂ ଆଧୁନିକ ସମାଜର ସଙ୍କଟକୁ ସ୍ପଷ୍ଟ ଭାବରେ ସମ୍ବୋଧିତ କରନ୍ତି। ଲାସ୍‌ଲୋ କେନ୍ଦ୍ରୀୟ ୟୁରୋପୀୟ ପରମ୍ପରାର ଜଣେ ଅନନ୍ୟ ମହାକାବ୍ୟ ଲେଖକ ହୋଇଥିବା ବେଳେ ତାଙ୍କ ରଚନାରେ କାଫ୍‌କାରୁ ଥମାସ ବର୍ଣ୍ଣହାର୍ଡ ପର୍ଯ୍ୟନ୍ତ ବିସ୍ତୃତ। ତେବେ ତାଙ୍କ ରଚିତ ଉପନ୍ୟାସ 'ହର୍ସଟ୍ ୦୭୭୬୯' ପାଇଁ ତାଙ୍କୁ ଚଳିତ ବର୍ଷର ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ। ଏହି ଉପନ୍ୟାସରେ ସାଂପ୍ରତିକ ଜର୍ମାନିର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରଭାବର ସୁନ୍ଦର ଚିତ୍ରଣ କରାଯାଇଛି। 'ତାଙ୍କର ଆକର୍ଷଣୀୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ସୃଜନଶୀଳତା କାର୍ଯ୍ୟ ପାଇଁ ତାଙ୍କୁ ଚଳିତ ବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ଜୁରି କମିଟି ସହମତ ହୋଇଛନ୍ତି।

# କାବୁଲରେ ପୁଣିଥରେ ଦୂତାବାସ ଖୋଲିବ ଭାରତ

ନୂଆଦିଲ୍ଲୀ: ଭାରତ ଗସ୍ତ ଅବସରରେ ଆଫ୍‌ଗାନ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଠକରେ ଅନେକ ପ୍ରସଙ୍ଗ ଉପରେ ଉଭୟ ନେତା ଆଲୋଚନା କରିଥିଲେ। ଏହାପରେ ଏସ୍. ଜୟଶଙ୍କର ଏକ ବଡ଼ ଘୋଷଣା କରିଛନ୍ତି। ଜୟଶଙ୍କର କହିଛନ୍ତି, କାବୁଲରେ ଥିବା ବୈଷୟିକ ମିଶନକୁ ଏବେ ଭାରତୀୟ ଦୂତାବାସର ମାନ୍ୟତା ଦିଆଯିବ। ଅର୍ଥାତ୍ ଭାରତ କାବୁଲରେ ନିଜ ଦୂତାବାସ ଖୋଲିବ। ଏପରି ହେଲେ ଦୀର୍ଘ ୪ ବର୍ଷ ପରେ ଅର୍ଥାତ୍ ଆଫଗାନିସ୍ତାନରେ ତାଲିବାନ ସରକାର ଆରମ୍ଭ ହେବା ପରଠାରୁ ଭାରତ ପ୍ରଥମ ଥର ପାଇଁ ନିଜ ଦୂତାବାସ ଖୋଲିବ। ପ୍ରକାଶ, ୨୦୨୧ ମସିହାରେ ଯେତେବେଳେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଫେରିଲା, ସେତେବେଳେ ନୂଆଦିଲ୍ଲୀ, ପରିସ୍ଥିତିକୁ ଦେଖି କାବୁଲରେ ଥିବା ଏହାର ଦୂତାବାସ ବନ୍ଦ କରିଥିଲା। ଏକ ବର୍ଷ ପରେ ବାଣିଜ୍ୟ, ଚିକିତ୍ସା ସହାୟତା ଏବଂ ମାନବିକ ସହାୟତାକୁ ସୁଗମ କରିବା ପାଇଁ ଏକ ଛୋଟ ମିଶନ ଖୋଲିଥିଲା ଭାରତ। ବର୍ତ୍ତମାନ, ଏହି ବୈଷୟିକ ମିଶନକୁ ଭାରତୀୟ ଦୂତାବାସର ମାନ୍ୟତା ଦିଆଯାଇଛି। ତାଲିବାନ ବିଦେଶ ମନ୍ତ୍ରୀ ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତକୁ ସ୍ୱାଗତ କରି ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସେମାନଙ୍କ ଗସ୍ତକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଉନ୍ନତ କରିବା ଏବଂ ସ୍ଥାୟୀ ବନ୍ଧୁତାକୁ ପୁନଃନିର୍ମାଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି।

# ରସାୟନ ବିଜ୍ଞାନରେ କିଟାଗାୱା, ରବସନ୍, ୟାଘିଙ୍କୁ ନୋବେଲ୍

ଷ୍ଟକହୋମ୍: ୨୦୨୫ ବର୍ଷ ପାଇଁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ରସାୟନ ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷ ଗବେଷଣା ପାଇଁ ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ବରିଷ୍ଠ ରସାୟନବିତ୍ ତଥା ପ୍ରଫେସର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ପ୍ରଫେସର ରିଚାର୍ଡ ରବସନ୍ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଓମାର ଏମ୍ ୟାଘିଙ୍କ ନାମ ନୋବେଲ୍ ସମ୍ମାନ ପାଇଁ ମନୋନୀତ କରାଯାଇଛି।

'ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ପକ୍ଷରୁ ଏସମ୍ପର୍କରେ ଘୋଷଣା କରାଯାଇଛି। ଏକାଡେମୀ ଦର୍ଶାଇଛି ଯେ, 'ମେଟାଲ୍ ଅର୍ଗାନିକ୍ ଫ୍ରେମ୍‌ୱାର୍କ (ଏମ୍‌ଓଏଫ୍) ବା ଧାତୁ-ଜୈବ ଢାଞ୍ଚାର ବିକାଶ ପାଇଁ' ସୁସୁମୁ କିଟାଗାୱା, ରିଚାର୍ଡ ରବସନ୍ ଏବଂ ଓମାର ଏମ୍ ୟାଘିଙ୍କୁ ମିଳିତ ଭାବେ ୨୦୨୫ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ୩ ରସାୟନ ବିଜ୍ଞାନୀଙ୍କୁ ନୋବେଲ୍ ପୁରସ୍କାର ବହନ କରୁଥିବା ସମ୍ମାନ ବ୍ୟତୀତ ୧୧ ନିୟୁତ ସ୍ୱିଡିସ୍ କ୍ରାଉନ୍ ପୁରସ୍କାର ରାଶି (ଭାରତୀୟ ମୁଦ୍ରାରେ ପ୍ରାୟ ୧୦ କୋଟି ଟଙ୍କା) ପ୍ରଦାନ କରାଯିବ। ଏମାନେ ମିଳିତ ଭାବେ ବିଭିନ୍ନ ଅଣୁଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ମିଶ୍ରଣ କରି କିଭଳି ଏକ ସଂରଚନା ସୃଷ୍ଟି କରାଯାଇପାରିବ, ତାହା ଉପରେ ଗବେଷଣା କରିଥିଲେ। ନୋବେଲ୍ ଜୁରି କମିଟି ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଏହି ୩ ବୈଜ୍ଞାନିକ ନିଜ ଗବେଷଣା ମାଧ୍ୟମରେ ଅଣୁମାନଙ୍କ ମଧ୍ୟରେ ବଡ଼ ସ୍ଥାନ କିମ୍ବା ଛିଦ୍ର ରଖୁଥିବା ଏବଂ ଏହି ଛିଦ୍ରଗୁଡ଼ିକ ଗ୍ୟାସ କିମ୍ବା ଅନ୍ୟାନ୍ୟ ରାସାୟନିକ ପଦାର୍ଥଗୁଡ଼ିକୁ ସହଜରେ ଯିବାକୁ ଅନୁମତି ଦେଉଥିବା ଭଳି ବାସ୍ତବତାକୁ ଆବିଷ୍କାର କରିଥିଲେ। ପରେ ଏହି ସଂରଚନାକୁ ପରବର୍ତ୍ତୀ ସମୟରେ 'ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ' ଭାବେ ନାମିତ କରାଯାଇଥିଲା।

ରସାୟନ ବିଜ୍ଞାନ ପାଇଁ ନୋବେଲ କମିଟିର ଅଧ୍ୟକ୍ଷ ହାଇନର ଲିଙ୍କେ ଏକ ବିବୃତ୍ତିରେ କହିଛନ୍ତି ଯେ ଏହି ଗବେଷଣା ଦ୍ୱାରା ଏଣିକି ମରୁଭୂମି ବାୟୁରୁ ପାଣି ବାହାର କରିବା, କାର୍ବନ ଡାଇଅକ୍ସାଇଡ୍ ଧରିବା ଏବଂ ବିଷାକ୍ତ ଗ୍ୟାସ ସଂରକ୍ଷଣ କରିବା ସହଜ ହୋଇପାରିବ। ଧାତୁ-ଜୈବ ଢାଞ୍ଚାଗୁଡ଼ିକର ବିପୁଳ ସମ୍ଭାବନା ଅଛି, ଯାହା ପୂର୍ବରୁ ଅପ୍ରତ୍ୟାଶିତ ସୁଯୋଗ ଆଣିଥାଏ। ଏହାର ଅର୍ଥ ହେଉଛି ଭବିଷ୍ୟତରେ, ଏହି ପ୍ରଯୁକ୍ତିବିଦ୍ୟା ଜଳ ଅଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପ ପ୍ରଦୂଷଣର ମୁକାବିଲାରେ ଏକ ବଡ଼ ପରିବର୍ତ୍ତନକାରୀ ପ୍ରମାଣିତ ହୋଇପାରେ।

# ପଦାର୍ଥ ବିଜ୍ଞାନରେ କ୍ଲାର୍କ, ଡେଭୋରେଟ୍, ମାର୍ଟିନିସ୍‌ଙ୍କୁ ନୋବେଲ୍

ଷ୍ଟକହୋମ୍: ୨୦୨୫ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ପ୍ରକ୍ରିୟା ଆରମ୍ଭ ହୋଇଛି। ମେଡିସିନ୍ କ୍ଷେତ୍ରରେ ଉତ୍କର୍ଷତା ପାଇଁ ୩ଜଣଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିବା ବେଳେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ପାଇଁ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜନ୍ କ୍ଲାର୍କ, ମାଇକେଲ୍ ଡେଭୋରେଟ୍ ଏବଂ ଜନ ମାର୍ଟିନିସଙ୍କ ନାମ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏକ ଇଲେକ୍ଟ୍ରିକ ସର୍କିଟ୍‌ରେ କ୍ୱାଣ୍ଟମ୍ ମେକାନିକାଲ ଟନେଲିଂ ଏବଂ ଏନର୍ଜୀ କ୍ୱାଣ୍ଟାଇଜେସନ (ଶକ୍ତି ପରମାଣିକରଣ)ର ଯୁଗାନ୍ତକାରୀ ଆବିଷ୍କାର ପାଇଁ ଏହି ୩ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାରରେ ସମ୍ମାନିତ କରାଯିବ।

ରୟାଲ ସ୍ୱେଡିଶ ଏକାଡେମୀ ଏଫ୍ ସାଇନସେସ୍ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ନୋବେଲ୍ ପୁରସ୍କାର ବାବଦରେ ୩ ବୈଜ୍ଞାନିକଙ୍କୁ ୧୧ ମିଲିଅନ୍ ସ୍ୱେଡିଶ୍ କ୍ରନର (ପ୍ରାୟ ୧୦ କୋଟି ଟଙ୍କା) ପ୍ରଦାନ କରାଯିବ। କ୍ଲାର୍କ ଏବଂ ମାର୍ଟିନିସ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଥିବାବେଳେ ଡେଭୋରେଟ ୟେଲ୍ ବିଶ୍ୱବିଦ୍ୟାଳୟ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ସହିତ ସମ୍ପୃକ୍ତ ରହିଛନ୍ତି। କ୍ଲାର୍କ ବ୍ରିଟେନ୍‌ର କେମ୍ବ୍ରିଜରେ ୧୯୪୨ରେ ଜନ୍ମଗ୍ରହଣ କରିଥିଲେ। ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ୧୯୬୮ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ବର୍ତ୍ତମାନ ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ସେହିପରି ୧୯୫୩ରେ ଫ୍ରାନ୍ସରେ ଜନ୍ମିତ ଡେଭୋରେଟ୍ ୧୯୮୨ରେ ପ୍ୟାରିସ-ସୁଦ୍ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି ଡିଗ୍ରୀ ଲାଭ କରିଥିଲେ। ସେ ବର୍ତ୍ତମାନ ୟେଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ଅନ୍ୟପକ୍ଷେ ୧୯୫୮ରେ ଜନ୍ମିତ ମାର୍ଟିନିସ ଏବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ୧୯୮୦ରୁ ଏହି ୩ ବୈଜ୍ଞାନିକ ଏକାଠି ଗବେଷଣା କରୁଛନ୍ତି।

# ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ

ନୂଆଦିଲ୍ଲୀ: ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର (ଏନ୍‌ଏମ୍‌ଆଇଏ)ର ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ବିମାନବନ୍ଦର ପ୍ରାୟ ୧୯,୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଐତିହାସିକ ଗ୍ରୀନଫିଲ୍ଡ ପ୍ରକଳ୍ପ। ୧୧୬୦ ହେକ୍ଟର ଜମିରେ ବିସ୍ତାରିତ ଏହି ନୂତନ ବିମାନବନ୍ଦର ଭାରତର ବିମାନ ଚଳାଚଳ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ମୁମ୍ବାଇର ବିଦ୍ୟମାନ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ମାତ୍ରାଧିକ ଏୟାର ଟ୍ରାଫିକ୍ ଜନିତ ସମସ୍ୟାକୁ କମ କରିବ ବୋଲି ଆଶା କରାଯାଉଛି। ଏହି ଅନ୍ତର୍ଜାତୀୟ ବିମାନ ବନ୍ଦରର ଉଦ୍‌ଘାଟନ ସହ ଭାରତ ବିମାନ ଚଳାଚଳ କ୍ଷେତ୍ରରେ ଏକ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି।

ଭାରତର ଏହି ସର୍ବବୃହତ ଗ୍ରୀନଫିଲ୍ଡ ବିମାନବନ୍ଦରକୁ ସିଡ୍‌କୋ ସହସହଭାଗୀତାରେ ଅଦାନୀ ବିମାନବନ୍ଦର ହୋଲ୍ଡିଂସ୍ ଲିମିଟେଡ୍ (ଏଏଏଚ୍‌ଏଲ୍) ଦ୍ୱାରା ବିକଶିତ କରାଯାଉଛି। ୨୦୩୬ ସୁଦ୍ଧା ପୂର୍ଣ୍ଣ ସମାପ୍ତ ହେବା ପରେ, ଏନ୍‌ଏମ୍‌ଆଇଏ ବାର୍ଷିକ ୯୦ ନିୟୁତ ଯାତ୍ରୀଙ୍କୁ ପରିଚାଳନା କରିବ ବୋଲି ଆଶା କରାଯାଉଛି, ଯାହା ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରର କ୍ଷମତାଠାରୁ ୨ ଗୁଣ ଅଧିକ। ପ୍ରକାଶ, ନଭି ମୁମ୍ବାଇ ବିମାନବନ୍ଦର ସେପ୍ଟେମ୍ବ ୩୦ରେ ଡିଜିସିଏ ଠାରୁ ଏହାର ଏରୋଡ୍ରମ୍ ଲାଇସେନ୍ସ ପାଇଥିବା ବେଳେ ଆଗାମୀ ଡିସେମ୍ବର ମାସ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ଏନ୍‌ଏମ୍‌ଆଇଏ ସିଧାସଳଖ ୨୫,୦୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି ଆଶା କରାଯାଉଛି, ଯାହାର ପରୋକ୍ଷ ପ୍ରଭାବ ୬୦,୦୦୦ରୁ ଅଧିକ ଲୋକଙ୍କ ଉପରେ ପଡ଼ିବ। ୨୦୩୬ ସୁଦ୍ଧା, ବିମାନବନ୍ଦର ୧୦୦,୦୦୦ ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛି, ଯାହା ଭାରତର ବିମାନ ଚଳାଚଳ ଭବିଷ୍ୟତର ଏକ ମୂଳଦୁଆ ହେବ।



# ଅନନ୍ୟା

ଦିନେ ଭୁବନେଶ୍ୱରରୁ ବସ୍‌ରେ ବସି ବଲାଙ୍ଗୀର ଯାଉଥିଲି। ସନ୍ଧ୍ୟା ସାଢ଼େ ସାତଟା ସମୟରେ ନୟାଗଡ଼ ବସ୍‌ଷ୍ଟାଣ୍ଡରେ ବସ୍ ଅଟକିଗଲା। ବସ୍‌ରେ ଫାଙ୍କା ଥିବା ସିଟ୍‌ରେ ଲୋକମାନେ ନିଜ ନିଜ ସିଟ୍ ଧରି ନେଲେ। ମୁଁ ବସିଥିବା ମୋ ପାଖ ସିଟ୍ ପାଖରେ ଠିଆ ହୋଇ ଜଣେ ଗୋରା ତକତକ୍ ସୁନ୍ଦର ଗଠନ, ଆକର୍ଷଣୀୟ ଚେହେରା, କଥାରେ କୁହନ୍ତି ଗୋଟିଏ ଚାଉଳରେ ଗଢ଼ା, ଅତ୍ୟନ୍ତ ସୁନ୍ଦରୀ ମହିଳାଟି ଛୋଟ ଶିଶୁ କନ୍ୟାଟିକୁ କାଖରେ ଧରି, ସିଟ୍ ଖୋଜୁ ଖୋଜୁ ମୁଁ ତାଙ୍କୁ ମୋ ପାଖ ସିଟ୍ ରେ ବସିବା ପାଇଁ ଇସାରା ଦେଲି। ମୋ ପାଖରେ ବସି ଖୁବ୍ ନମ୍ରତାର ସହ ମୋତେ ଧନ୍ୟବାଦଟିଏ ଦେଲେ। ଆମ ଡାହାଣ ପଟ ଖାଲି ପଡିଥିବା ସିଟ୍ ରେ ଏକ ବୟସ୍କା ମହିଳାଙ୍କ ଏବଂ ପାଖରେ ଏକ ଚଉଦ କି ପନ୍ଦର ବର୍ଷ ଝିଅଟି ବସିପଡିଲେ। ଝିଅଟି ଓଃ, ଆହାଃ କରି ଚିତ୍କାର କରୁଥାଏ।

ମୋ ପାଖରେ ବସିଥିବା ମହିଳା ତାକୁ ବୁଝାଇବାକୁ ଚେଷ୍ଟା କରୁଥାନ୍ତି- ସିନିରେ ବ୍ୟସ୍ତ ହନା ମାଆ। ତୁ ଆଈ କୋଳରେ ଆଖି ବୁଜି ଶୋଇପଡ଼। ଝିଅଟି ମୁଣ୍ଡରେ ଓ ଗୋଡ଼ରେ ବ୍ୟାଣ୍ଡେଜ ହୋଇଥାଏ। କ'ଣ ହୋଇଛି ତା'ର? ପଚାରିଲି! ତା' ସାଇକେଲ ଆଗରେ କୁକୁର ଆସିଯିବାରୁ ସେ ହଡ଼ବଡ଼େଇ ତଳେ ପଡ଼ି ଆକ୍ସିଡେଣ୍ଟ ହୋଇଛି। ମାଆଙ୍କ ଘରକୁ ଆସିଥିଲୁ ନୟାଗଡ଼। ଆଜି ଆମ ଘରକୁ ଫେରୁଛୁ ବଲାଙ୍ଗୀର। ମୁଁ କିଛି କହିବା ପୂର୍ବରୁ ସେ ତାଙ୍କ ମାଆଙ୍କୁ କହିଲେ ମାଆ ଏଇ ମାଡାମ ଭୁବନେଶ୍ୱରରୁ ଆସିଛନ୍ତି। ସେ ମଧ୍ୟ ବଲାଙ୍ଗୀର ଯିବେ। ମୁଁ ଯେତେବେଳେ ଜାଣିଲି ସେ ତାଙ୍କ ବୋଉ ବୋଲି, ତାଙ୍କୁ ହାତଯୋଡ଼ି ପ୍ରଣାମ କଲି। ସେ ମହିଳାଙ୍କୁ ପଚାରିଲି - ସେ ଝିଅଟି କିଏ? ସେ କହିଲେ-ମୋ ଝିଅ! ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଲି। ମନକୁ ପ୍ରଶ୍ନ କଲି। ଆରେ ଇୟେତ ଏତେ କମ୍ ବୟସ୍କା ମହିଳା। ହେଲେ ଏତେ ବଡ଼ ଝିଅ କେମିତି? ସେ ବୋଧେ ମୋ ମନର ଭାଷାକୁ ବୁଝିପାରିଲେ। କଥା ଆରମ୍ଭ କଲେ। ସାମାନ୍ୟ ମୁରୁକି ହସାଟିଏ ଦେଇ କହିଲେ- ମାଡାମ ଆପଣ ବୋଧେ ଆଶ୍ଚର୍ଯ୍ୟ ହେଉଛନ୍ତି ମୋ ବଡ଼ ଝିଅକୁ ଦେଖି। ମୋର ବୟସ ଜଣାପଡୁନି ନା? ଯିଏ ଦେଖନ୍ତି ଆମକୁ ଏକା ସାଙ୍ଗରେ ସମସ୍ତେ ସେୟା ହିଁ କୁହନ୍ତି। ଠିକ୍ ସେଇ ସମୟରେ ତାଙ୍କ ସ୍ୱାମୀଙ୍କ ପାଖରୁ ଫୋନ୍ ଆସିଲା। ସେମାନଙ୍କ କଥାବାର୍ତ୍ତାରୁ ଯେତିକି ଜାଣିଲି, ସେପଟୁ ସ୍ୱାମୀ ପୂରା ବିବ୍ରତ ଜଣା ପଡୁଥାନ୍ତି। ଝିଅର ଆକ୍ସିଡେଣ୍ଟ ପାଇଁ। ସେପଟୁ ବୋଧେ ସ୍ୱାମୀ ତାଙ୍କ ଝିଅ ସହ କଥା ହେବାକୁ ଚାହିଁଲେ। ଝିଅ ଫୋନ୍ ଧରି କଇଁ କଇଁ କାନ୍ଦି କାନ୍ଦି କହୁଥାଏ- ପାପା ଭାରି କଷ୍ଟ ହେଉଛି। ସହିପାରୁନି 'ପାପା'। ତୁମେ ଆସ ପାପା। ସେପଟୁ ତା' ବାପା ବୋଧେ ତାକୁ ଆଶ୍ୱାସନା ଦେଇ ଫୋନ ରଖିଲେ। ଆଈ ତା'ର ମୁଣ୍ଡକୁ ଆଉଁସି ଦେଇ କହୁଥାନ୍ତି - ହଉ ଆଉ ଅଳ୍ପ ସମୟ ଭିତରେ ଆମେ ପହଞ୍ଚିଯିବା। ତୁ ଥୟ ଧର। ଏପଟେ ଛୋଟ ଝିଅଟି ବି ତା' ମାଆ କୋଳରେ ବସି ଟଣାଓଟରା କରୁଥାଏ। ମୋ ମୁହଁକୁ ବି ତା' ହାତରେ ରାମ୍ପି ପକାଉଥାଏ। ସେତେବେଳକୁ ରାତି ୯ଟା।

ସେମାନେ ସାଙ୍ଗରେ ଆଣିଥିବା ପୁରି ତରକାରୀ ବାହାର କରି ପତ୍ର ପ୍ଲେଟରେ ବାଢି ନିଜେ ଖାଇବା ପୂର୍ବରୁ ମୋତେ ପ୍ରଥମେ ବାଢି ଦେଲେ। ମନା କରିବା ସତ୍ତ୍ୱେ ବହୁତ ବାଧ୍ୟ କଲାରୁ ସବୁ କାଢ଼ିଦେଲି। କିନ୍ତୁ ଛେନାପୋଡ଼ ଖଣ୍ଡଟା ହାତରେ ଉଠାଇ ନେଇ ଖାଇଲି। ନୟାଗଡ଼ ସ୍ପେଶାଲ ଛେନାପୋଡ଼ ଛାଡ଼ିଥାନ୍ତି ବା କିପରି। ସମସ୍ତଙ୍କର ଖାଇବା ସରିଗଲା। ପିଲାଙ୍କ ସହ ଆଈ ତାଙ୍କ ଆଈ ମଧ୍ୟ ସେଇ ସିଟ୍‌ରେ ବସି ବସି ଶୋଇପଡ଼ିଲେ। ଅନ୍ୟଯାତ୍ରୀମାନେ ବି ସମସ୍ତେ ନିଦୁଆ ଆଖିରେ ଢୁଳଉଥାନ୍ତି। ମୋତେ କିନ୍ତୁ ବସ୍ କିମ୍ବା ଟ୍ରେନରେ କେବେ ନିଦ ଆସେନି। ସମସ୍ତେ ଦୂର ରାସ୍ତା ହେଲେ ବି ସେମିତି ବସି ବସି ରାତି ପାହିଯାଏ।

ତା' ପୂର୍ବରୁ ମୁଁ ସାଥିରେ ନେଇଥିବା କିଛି ସ୍ନାକ୍ସ ଆଇଟମ୍‌କୁ ମଧ୍ୟ ସେମାନଙ୍କୁ ଖାଇବା ପାଇଁ ଦେଇଥିଲି। ଆଉ ବଳି ଥିବା ସଲ୍ଟି କାଜୁ ପାଟିରେ ପକାଉ ପକାଉ ଆମ ଦୁହିଁଙ୍କ ଭିତରେ ଗପ ପେଡ଼ି ଖୋଲିଗଲା। ଯେହେତୁ ପାଖା ପାଖି ବସିଥିଲୁ ଆମ କଥା କେବଳ ଆମେ ହିଁ ଶୁଣୁଥିଲୁ। କାହାକୁ ଯେମିତି କିଛି ଡିଷ୍ଟର୍ବ ନ ହୁଏ ଧୀରେ ଧୀରେ କଥା ହେଉଥିଲୁ। ପ୍ରଥମେ ମୋ ବିଷୟରେ ସେ ସବୁ କଥା ପଚାରି ବୁଝିନେଲେ। ମୁଁ ତାଙ୍କୁ ପଚାରିଲି ଆପଣ ଚାକିରୀ କରିଛନ୍ତି? ସେ କହିଲେ- ନା, ମାଡ଼ାମ! ସବୁ ସ୍ୱପ୍ନ ମୋର ସ୍ୱପ୍ନରେ ରହିଗଲା। ଭଲ ପାଠ ପଢୁଥିଲି। ସ୍ୱପ୍ନ ଥିଲା ଆଇଏସ ଅଫିସର୍ କିମ୍ବା ଓଏସ ଅଫିସର୍‌ଟିଏ ହେବି। ମୋ ବାପା ମଧ୍ୟ ତାହା ହିଁ ଚାହୁଁଥିଲେ। କିନ୍ତୁ ମୋ ଜୀବନର ମୋଡ଼ ସବୁ କିଛି ବଦଳିଗଲା ଯେବେ ମୋ ବାପାଙ୍କର ଜୀବନ ବଳି ପଡିଗଲା ଅକସ୍ମାତ ଦୁର୍ଦ୍ଧାନ୍ତଙ୍କ ହାତରେ। ମୋ ବାପା ଆମ ଅଞ୍ଚଳରେ ଆଦର୍ଶ ସରପଞ୍ଚ ଥିଲେ। ସମସ୍ତଙ୍କ ଦୁଃଖ ସୁଖର ସାଥୀ ଥିଲେ। ଅନ୍ୟାୟକୁ କେବେ ସହିପାରନ୍ତିନି। ସେଥିପାଇଁ ସେ ଅନେକଙ୍କର ଶତ୍ରୁ ପାଲଟି ଯାଇଥିଲେ। ଦୁର୍ନୀତି ବିରୋଧରେ ଲଢ଼େଇ କରୁ କରୁ ଟ୍ରକ ଚଢ଼ାଇ ମାରିଦେଲେ ମୋ ବାପାଙ୍କୁ ଦୁର୍ବୃତ୍ତ ବିରୋଧୀ ମାନେ। ଆମେ କେବଳ ତିନି ଭଉଣୀ। ଆମର ଭାଇ ନାହିଁ। ବାପାଙ୍କ ଦେହାନ୍ତ ପରେ ମାଆ ପୂରା ଭାଙ୍ଗି ପଡ଼ିଲା। ଯେହେତୁ ମୁଁ ବଡ଼ ଝିଅ ମୋ ମୁଣ୍ଡ ଉପରେ ସବୁ ଦାୟିତ୍ୱ ଲଦି ହୋଇ ପଡ଼ିଲା। ଆମ ସମାଜର କଳୁଷିତ ପୁରୁଷଙ୍କ ଭୋକିଲା ଆଖି ସବୁବେଳେ ଆମ ତିନି ଭଉଣୀଙ୍କ ଉପରେ ଥାଏ। ରାସ୍ତା ଘାଟରେ ବି ଯିବାକୁ ଭୟ ଲାଗେ। ବାପାଙ୍କ ରାଗରେ ଆମ ମା'ଙ୍କୁ ସବୁବେଳେ ବାଟରେ ଘାଟରେ ଧମକ ଦିଅନ୍ତି ତୋ ପାଖରେ କଣ ପ୍ରମାଣ ଅଛି ତୋ ସ୍ୱାମୀଙ୍କୁ କିଏ ମାରିଛି ବୋଲି? ତୁ ଆମର କିଛି କରି ପାରିବୁନି। ଦେଖିବୁ ଆମେ ତୋ ସୁନ୍ଦରୀ ଝିଅମାନଙ୍କର କ'ଣ କରିବୁ? ମାଆ ଆମର ସବୁବେଳେ ଭୟରେ ରହିଲା।

ମୁଁ ମାଆକୁ ସବୁବେଳେ ବୁଝାଇ ଚାଲିଲି ମା' ମୁଁ ଅଛି ତୁ ବ୍ୟସ୍ତ ହୁଅନା। ସବୁକିଛି ଠିକ୍ ହୋଇଯିବ। ଭଗବାନଙ୍କ ଉପରେ ଭରସା ରଖି ମୋ ନିଜ ଚେଷ୍ଟାରେ ଏକ କୋଚିଂ ସେଣ୍ଟର ଖୋଲିଲି ଘରେ। ପିଲାମାନଙ୍କୁ ପାଠ ପଢ଼ାଇଲି ସେହି ପଇସାରେ ମୋ ଦୁଇ ଭଉଣୀଙ୍କୁ ପାଠ ପଢ଼ାଇ ମଣିଷ କରିବା ପାଇଁ ସଂକଳ୍ପ ନେଲି। ଭଗବାନଙ୍କ ଆଶୀର୍ବାଦରୁ ଗୋଟେ ଭଉଣୀ ନର୍ସ ଭାବରେ କଟକ ବଡ଼ ମେଡ଼ିକାଲରେ କାମ କରୁଛି ଏବଂ ଜଣେ ଡାକ୍ତରଙ୍କର ପସନ୍ଦ ଅନୁସାରେ ବିନା ଯୌତୁକରେ ବିନା ବାଜା ବାଣରେ ଆର୍ଯ୍ୟ ସମାଜରେ ବାହା ହୋଇଛି। ତା'ଶାଶୂ, ଶ୍ୱଶୁର, ନଣନ୍ଦ ସମସ୍ତେ ଖୁବ୍ ଭଲ। ସେ ବହୁତ ଭଲରେ ଅଛି। ଆଉ ଜଣେ ଭଉଣୀ ବିଏଡ଼ କଲାପରେ ଏକ ସରକାରୀ ସ୍କୁଲରେ ଶିକ୍ଷୟତ୍ରୀ ଭାବରେ ପିଲାଙ୍କୁ ପାଠ ପଢ଼ାଉଛି। ତା'ର ଆଉ କେହି ନାହାନ୍ତି, କେବଳ ମାଆ ପୁଅ ଦୁଇ ଜଣ। ସେ କୋଇଁଟି ଅଧ୍ୟାପନା କରୁଛନ୍ତି। ମୁଁ କହିଲି ଯାହାହେଉ ଖୁବ୍ ଭଲ କଥା। ଭଉଣୀମାନେ ସେଟେଲ୍ଡ। ଆପଣଙ୍କର ଆଉ ଚିନ୍ତା କ'ଣ? ବଡ଼ ଭଉଣୀ ଭାବରେ ବାପାମାଆଙ୍କର ଦାୟିତ୍ୱକୁ ଆପଣ ନିର୍ବାହ କଲେ। ଏହା କ'ଣ କମ୍ ବଡ଼ କଥା। ହଁ ଭଗବାନ ଯେତେବେଳେ ଏତେ ବଡ଼ ଦାୟିତ୍ୱ ମୋ ଉପରେ ଲଦି ଦେଲେ। କ'ଣ ଆଉ କରିଥାନ୍ତି? ମୁଁ ସେ ସବୁ ସଠିକ୍ ଭାବରେ ନିର୍ବାହ କରିବା ପାଇଁ ମୋତେ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ଅନେକ ଲୋକଙ୍କର ଟାହିଟାପରା ଶୁଣିବାକୁ ପଡ଼ିଛି। ଯେହେତୁ ମୋର ଦୁଇ ସାନ ଭଉଣୀଙ୍କର ଦାୟିତ୍ୱ ମୋ ଉପରେ ଥିଲା। ମୋ ନିଜ ସୁଖ କଥା କେବେ ଚିନ୍ତା କରି ନ ଥିଲି।

ସେମାନଙ୍କୁ ବାହାସାହା କରି ସାରିବା ପରେ ମୁଁ ସାରାଜୀବନ ଅବିବାହିତ ରହିବା ପାଇଁ ନିଷ୍ପତ୍ତି ନେଇଥିଲି। ହେଲେ ଭଗବାନଙ୍କର ଇଛା ଅନ୍ୟ କିଛି ଥିଲା। ମୋର ଉପରେ ଆହୁରି ଏମିତି ଦାୟିତ୍ୱ ନ୍ୟସ୍ତ କଲେ ଯେ ମୁଁ ସେ ଦାୟିତ୍ୱକୁ ଜାଣି ଜାଣି ବାଧ୍ୟ ହୋଇ ଗ୍ରହଣ କଲି। ମୁଁ ତାଙ୍କ ମୁହଁକୁ ବିସ୍ମୟର ସହ ଚାହିଁ ରହିଥାଏ, ସେ କହି ଚାଲିଥାନ୍ତି। ତାଙ୍କ କଣ୍ଠ ବାର ବାର ରୁଦ୍ଧ ହୋଇ ଆସୁଥାଏ। ମୋ ମାଆ ଦିନେ ଜିଦ୍ ଧରିଲା ତା' ମୁଣ୍ଡକୁ ଛୁଆଁଇ କହିଲା ମୋ ମୁଣ୍ଡ ଛୁଇଁ କି କହ, ମୁଁ ଯାହା କହିବି ତୁ ମୋ କଥା ମାନିବୁ। ମୁଁ କହିଲି - ନା ମାଆ ମୁଣ୍ଡ କାହିଁକି ଛୁଇଁବି? ତୁ ଯାହା କହିବା କଥା କହ। ମୁଁ ଆଗେ ଶୁଣେ ତୁ କ'ଣ କହିବାକୁ ଚାହୁଁଛୁ। ସେ ଜମା ଶୁଣିଲାଣି। ମୁଁ ବାଧ ହୋଇ କହିଲି- ହଉ କହ। ସେ କହିଲା- ତୋତେ ବାହା ହେବାକୁ ପଡ଼ିବ। ତୋତେ ମୁଁ ଏମିତି ଏକୁଟିଆ ରହିବା ଦେଖିପାରୁନି। ମୋ ଦେହମୁଣ୍ଡ ଆଉ ଭଲ ରହୁନି। ମୁଁ ଯଦି ମରିଯାଏ ତୁ ଏକା କେମିତି ରହିବୁ? ମୁଁ ମଲା ପରେ ମୋ ଆତ୍ମା କେବେ ବି ଶାନ୍ତି ପାଇବନି ଝିଅ। କାରଣ ଏ ସମାଜର କିଛି ମଣିଷମାନେ କେବେ ବି ତୋତେ ଏକା ଶାନ୍ତିରେ ରଖେଇ ଦେବେନି। ତେଣୁ ତୁ ଶପଥ କର ମୁଁ ଯେଉଁଠି କହିବି ତୁ ବାହା ହେବୁ। ମୋ ମାଆର ଏକଥା ଶୁଣି ମୋ ମୁଣ୍ଡରେ ଯେମିତି ବଜ୍ର ପଡ଼ିଗଲା। କେବେ ବି କଳ୍ପନା କରି ନ ଥିଲି ଶେଷରେ ମାଆ ମୋର ଏପରି ନିଷ୍ପତ୍ତି ନେବ।

ବାଧ ହୋଇ ନିରବତାର ମନ୍ତ୍ର ଆପଣାଇ ଚୁପ ରହିଲି। ମାଆ ଶାଶୂଘର ବିଷୟରେ ଯାହା ସବୁ କହିଲା ମୁଁ ତଟସ୍ଥ ହେଲି। ଭାବିଲି ମାଆ ଏସବୁ ବିଷୟରେ ମୋତେ ଆଗରୁ ନ ଜଣାଇ କିପରି ନିଜେ ଏତେବଡ଼ ନିଷ୍ପତ୍ତି ନେଲା? କିପରି ଭାବିଲାନି ମୋତେ ଥରେ ପଚାରିବାକୁ। ପୁଣି ଭାବିଲି ମୁଁ କ'ଣ ମୋ ମାଆ ପାଇଁ ବୋଝ ହୋଇଥିଲି କି? ମୁଁ ଯଦି ଇଛା କରିଥାନ୍ତି କେତେ ଡାକ୍ତର, ଇଞ୍ଜିନିୟର୍, ଅଫିସର୍, ପ୍ରଫେସର ମୋତେ ବାହା ହେବା ପାଇଁ ମୋ ପଛରେ ଲମ୍ବା ଧାଡ଼ି ଲଗେଇଥାନ୍ତେ। କଲେଜରେ ସବୁଠାରୁ ସୁନ୍ଦରୀ ଥିଲି ବୋଲି ପୁଅମାନଙ୍କ ଭିତରେ ସେତେବେଳେ ଟକ୍କର ଚାଲିଥିଲା କିଏ ସେ ଅନୁ ସହ କଥା ହୋଇ ତାକୁ ତା' ପ୍ରେମ ଜାଲରେ ଫସାଇପାରିବ। ଥରେ ଗୋଟେ ସାହସୀ ଟୋକା ସମସ୍ତଙ୍କ ସାମ୍ନାରେ ମୋତେ ଗୋଲାପ ଫୁଲଟିଏ ଆଣି ମୋ ହାତକୁ ବଢ଼ାଇ କହିଥିଲା- ଆଇ ଲଭ ୟୁ ଅନୁ! ସେଦିନ ସେ ଟୋକାକୁ ସମସ୍ତଙ୍କ ସାମ୍ନାରେ ଚଟକଣିଟିଏ ପକାଇଥିଲି। ସେ ଗାଲ ଆଉଁସି ଲାଜରେ ସେଠାରୁ ହଷ୍ଟେଲ ରୁମ୍ ଭିତରକୁ ପଳାଇ ଯାଇଥିଲା। ସେବେଠାରୁ କଲେଜରେ କୌଣସି ପୁଅ ପିଲା ମୋତେ ମୁଣ୍ଡ ଉଠାଇ ଚାହୁଁ ନ ଥିଲେ। ମୁଁ ଟିକେ ବେଶୀ ସୁନ୍ଦରୀ ଏବଂ ଭଲ ପାଠ ପଢ଼େ ବୋଲି ମୋ କଲେଜ ସାର୍ ମାଡାମ ମୋତେ ବହୁତ ଭଲ ପାଆନ୍ତି। ସେଥିପାଇଁ ମୋ ଝିଅ ସାଙ୍ଗମାନେ ମୋତେ ବହୁତ ଈର୍ଷା କରନ୍ତି। ଯାହା ବି ହେଉ ସମ୍ବଲପୁର ୟୁନିଭର୍ସିଟିରୁ ଏମ୍‌ଏ ପାସ ପରେ ଆଉ ଆଗକୁ ବଢ଼ିପାରିଲିନି। ହଷ୍ଟେଲ ଛାଡ଼ିବାର କିଛିଦିନ ପରେ ବାପା ଏପରି ଦୁର୍ଘଟଣାରେ ଆର ପାରିକୁ ଚାଲିଗଲେ ଯେ ମୁଣ୍ଡ ଉପରେ ଯେମିତି ଆକାଶ ଛିଡ଼ି ପଡ଼ିଲା। ପରିବାରର ଗୁରୁଦାୟିତ୍ୱ ସମ୍ଭାଳୁ ସମ୍ଭାଳୁ କେତେବେଳେ ଯେ ବୟସ ଆସି ୩୫ ଛୁଇଁଲା ମୁଁ ଜାଣି ପାରିଲି ନାହିଁ। ଏକା ଏକା ରହିବାର ସ୍ୱପ୍ନକୁ ମାଆ ମୋର ଧୂଳିସାତ କରିଦେଲା। ଜବରଦସ୍ତି ଛନ୍ଦିଦେଲା ଛାଡ଼ପତ୍ର ପାଇଥିବା କଣ୍ଟ୍ରାକ୍ଟର ହାତରେ, ବଂଶ ପରମ୍ପରା ଆଭିଜାତ୍ୟ ସମ୍ପନ୍ନ କୋଟିପତି ଘରେ। ବିନା ବେଦୀରେ ଓକିଲଙ୍କ ସାମ୍ନାରେ ବିବାହର ମର୍ଯ୍ୟାଦା ପାଇ ଚାଲିଗଲି ଶାଶୂଘର। ଚୌଧୁରୀ ଘରର ଏକମାତ୍ର ବୋହୂ ଭାବରେ ସବୁ ଦାୟିତ୍ୱର ଚାବିକାଠି ଶାଶୂ ଧରେଇ ଦେଲେ ମୋ ହାତରେ। କଡ଼ା ଶାସନର ତାଗିତ ଭରା ଚାହାଣି। ଯେ ଶୁଣ ଅନୁ ଏ ମାଆ ଛେଉଣ୍ଡ ଝିଅଟିର ଖବର ବୁଝିବାରେ ଯେମିତି ହେଳା ନ କରୁ। ବିଚାରି ମାଆ ଛେଉଣ୍ଡ! ହେଲେ ସେ ମୋ ପୁଅର ଝିଅ, ମୋର ଗେହ୍ଲା ନାତୁଣୀ। ତାରି ପାଇଁ ହିଁ ମୁଁ ଆଉ ଥରେ ମୋ ପୁଅର ବାହାଘର ତୋ ସହିତ କରିଛି। ନ ହେଲେ ପୁଅ ଆକାଶ ତ ମନା କରୁଥିଲା ଆଉ ଥରେ ବାହା ହେବା ପାଇଁ। ଆଗ ସ୍ତ୍ରୀଟା ତାର ପାଗେଳିଟା। ତେଣୁ ତା' ସ୍ୱାମୀ ଝିଅକୁ ଛାଡି ସେ ଆମ ଘରୁ ଚାଲିଗଲା। ମୁଁ ସ୍ତବ୍ଧ ହୋଇ ନିରବରେ ଏ କଥା ସବୁକୁ ହଜମ କରି ପାରୁ ନ ଥିଲି।

ସେ ପୁଣି କହିଲେ- ଜାଣିଛନ୍ତି ମାଡାମ ମୁଁ ଏ ସବୁ ବିଷୟରେ ପୂରା ଅଜ୍ଞ ଥିଲି। କିଛି ବି ଜାଣି ନ ଥିଲି। କେବଳ ମାଆ ମୋତେ କହିଥିଲା ପୁଅଟି ବାହା ହୋଇଥିଲା। ତା' ସ୍ତ୍ରୀ ମରିଯାଇଛି। ମାଆ ମଧ୍ୟ ଏ ବିଷୟରେ ସଠିକ୍ କିଛି ଜାଣି ନ ଥିଲା। ଯେଉଁ ଭଦ୍ର ଲୋକ ପ୍ରସ୍ତାବ ଦେଇଥିଲେ ସେ ମାଆକୁ କିଛି ବି ଏ ସମ୍ପର୍କରେ କହି ନ ଥିଲେ। ତେଣୁ ମୁଁ ମାଆର ଦୋଷ ଦେଇ ଲାଭ ନାହିଁ। ମୋ ଭାଗ୍ୟରେ ଯାହା ଥିଲା କହି ଦୀର୍ଘ ନିଃଶ୍ୱାସ ଟିଏ ପକାଇଲେ। ତା' ପରେ କହିଲେ- ମାଡାମ୍ ଜାଣିଛନ୍ତି, ମୋ ସ୍ୱାମୀ କିନ୍ତୁ ବହୁତ ଭଲ ମଣିଷ। ତାଙ୍କର ଅଗାଧ ଭଲ ପାଇବାରେ ମୁଁ ସବୁ କିଛି ସହିଯାଉଛି। ସେ ମୋତେ ବହୁତ ଭଲ ପାଆନ୍ତି। ବାହାଘର ପରେ ସେ ମୋତେ ସାଙ୍ଗରେ ଥାଇଲାଣ୍ଡ ନେଇ ଯାଇଥିଲେ। ମୁଁ ମୋ ଜୀବନରେ କେବେ ଏରୋପ୍ଲେନରେ ବସି ନ ଥିଲି କି ଓଡ଼ିଶା ବାହାରକୁ ବି କେବେ ଯାଇ ନ ଥିଲି। ଏସବୁରେ ମୋ ସ୍ୱାମୀ ବହୁତ ଭଲ। କିନ୍ତୁ ବହୁତ ବଡ଼ ଦୁଃଖ ଯେ ମୋ ଶାଶୂଙ୍କ ପାଇଁ ମୋତେ ବହୁତ କଷ୍ଟ ସହିବାକୁ ପଡୁଛି। ଆଖିରୁ ପ୍ରତ୍ୟେକ ଦିନ ଲୁହ ଝରୁଛି। ଏ କଥା ନା ସହି ପାରୁଛି ନା ସ୍ୱାମୀଙ୍କୁ କହି ପାରୁଛି। ମୋ ସ୍ୱାମୀଙ୍କ ସାମ୍ନାରେ ମୋ ଶାଶୂଙ୍କର ମୋ ପ୍ରତି ଏତେ ଭଲ ବ୍ୟବହାର ଆପଣ ବି ଦେଖିଲେ ବିଶ୍ୱାସ କରି ପାରିବେନି, ସେ ଲୋକ ଏତେ କଟୁ ବ୍ୟବହାର କିପରି କରି ପାରନ୍ତି।

ବାହାଘରର ଚାରିମାସ ପରେ ମୋର ପିଲା ଯେତେବେଳେ ପେଟରେ ରହିଲା, ସେ ଜାଣିଲେ। ସବୁବେଳେ ମୋ ଉପରେ ଚିଡ଼ିଚିଡ଼ି ବିରକ୍ତ ହୁଅନ୍ତି। ଘରେ କାମବାଲୀ ଥାଇ ମଧ୍ୟ ତାକୁ ଘରକୁ ଯିବାପାଇଁ ଛୁଟି ଦେଇଦିଅନ୍ତି। ମୋତେ ଘରର ଯାବତୀୟ କାମ କରିବା ପାଇଁ କୁହନ୍ତି। ସ୍ୱାମୀ ଅନେକ ସମୟରେ ତାଙ୍କ କଣ୍ଟ୍ରାକ୍ଟର କାମରେ ବାହାରକୁ ଯାଆନ୍ତି। ସେତେବେଳେ ଶାଶୂ ମୋତେ ବେଶୀ ହଇରାଣ କରନ୍ତି। ଥରେ ମୋ ସ୍ୱାମୀ ଘରେ ନ ଥାନ୍ତି ସପ୍ତାହକ ପାଇଁ ଦିଲ୍ଲୀ ଯାଇଥାନ୍ତି ସେତେବେଳେ ମୋ ଛୁଆ ପେଟରେ ତିନି ମାସର ହୋଇଥାଏ। ସେହି ସମୟରେ ମୋ ନଣନ୍ଦ ଘରକୁ ଆସିଥାନ୍ତି। ନଣନ୍ଦ ମାଗୁର ମାଛ ଝୋଳ ଖାଇବା ପାଇଁ ବରାଦ କଲେ। ଘରର ବୋଲହାକ କରୁଥିବା ପିଲାଟିକୁ ବଜାରରୁ ମାଗୁର ମାଛ ଆଣିବା ପାଇଁ କହିଲେ। ସେ ଆଜ୍ଞାଧୀନ ଛାତ୍ର ପରି ବଜାରରୁ ମାଗୁର ମାଛ କିଣି ଆଣି ଦେଲା। ମୋ ଶାଶୂ ମୋତେ କହିଲେ- ହେଇଟି ଶୁଣୁ, ଭଗିଆ ମାଗୁର ମାଛ ଆଣିଛି। ଯା' କାଟିକି ରାନ୍ଧି ଦେବୁ। ଜିଅନ୍ତା ମାଗୁର ଛଟଛଟ ହେଉଥାଏ। ମୁଁ ପନିକି ଧରି କାଟିବା ପାଇଁ ଧରି ବସିଛି, ମୋତେ କାଟିବା ପାଇଁ ଡର ଲାଗୁଥାଏ। ମୁଁ ଆମ ଘରେ ଛୋଟ ଥିଲା ବେଳେ ମୋ ବୁଢ଼ୀ ମାଆଠାରୁ ଶୁଣିଥିଲି ପିଲା ପେଟରେ ଥିଲାବେଳେ କୁଆଡ଼େ ଜିଅନ୍ତା ମାଛ କାଟନ୍ତିନି। ମୋ ମା'ଙ୍କ ପେଟରେ ଯେତେବେଳେ ମୋ ସାନ ଭଉଣୀ ଥିଲା ମୋ ବୁଢ଼ୀ ମା' ମାଛ କାଟିବାକୁ ତାକୁ ବାରଣ କରନ୍ତି। ମୁଁ ଆଖିରେ ଦେଖିଛି। ସେତେବେଳେ ମୁଁ ଅବୋଧ ଶିଶୁ। ଏସବୁ କଥା କିଛି ବୁଝି ନ ଥିଲି। ହେଲେ ସେଦିନ ମୁଁ ମାଛଟିକୁ ଧରି କାଟିବାକୁ ଯାଉଛି ତ ସେହି ସମୟରେ ପଡ଼ୋଶୀ ଘରର ଶାନ୍ତି ମାଉସୀ କାହିଁକି କେଜାଣି ହଠାତ ଘର ଭିତରକୁ ପଶି ଆସିଲେ। ବଡ଼ ପାଟି କରି ଚିଲେଇଲେ-କହିଲେ ରହରେ ଝିଅ ଅନୁ ତୁ ଜିଅନ୍ତା ମାଛ ଗୁଡା କାଟୁଛି ଯେ। ଆକାଶ ବୋଉ କୁଆଡେ ଗଲେ କି? ଏହି ସମୟରେ ଶାଶୂ, ନଣନ୍ଦ ତାଙ୍କ ରୁମ୍‌ରୁ ବାହାରକୁ ବାହାରି ଆସିଲେ। ପଡ଼ିଶା ଘର ମାଉସୀ, ନଣନ୍ଦକୁ ଦେଖି କହିଲେ- ପୁଷ୍ପ ତୁମେ କେତେବେଳେ ଆସିଲ କି? ତୁମେ ଦୁଇ ଜଣ ଥାଉ ଥାଉ ଅନୁକୁ କ'ଣ ମାଛ କାଟିବାକୁ ଦେଇଛ? ଏ ସମୟରେ କ'ଣ ମାଛ କାଟନ୍ତି? ଶାଶୂ କହିଲେ- ମାଛ କାଟିଲେ କ'ଣ ହୋଇଯିବ କି? କିଏ ଚାହୁଁଛି କି ତା'ର ପିଲା ହେଉ ବୋଲି। ଯେଉଁ ଗୋଟିଏ ଛୁଆ ଅଛି ତାକୁ ନିଜ ଝିଅ ପରି ପାଳି ପୋଷି ବଡ଼ କରୁନି। ମୁଁ ତାକୁ ବାହାଘର କରିଥିଲି କ'ଣ ପିଲା ଜନ୍ମ କରିବାକୁ ନା କ'ଣ? ମାଛ କାଟି ଦେଲେ ଯଦି ପିଲା ନଷ୍ଟ ହୋଇଯିବ ଯାଉ। ଏତେ ଡର କ'ଣ ଯେ! ଶାଶୂଙ୍କଠାରୁ ଏକଥା ଶୁଣି ପଡ଼ିଶା ମାଉସୀ କହିଲେ- ଆକାଶ ବୋଉ ଏମିତି କ'ଣ କହୁଛ? ମୁଁ କ'ଣ ଭୁଲ କହିଲି କି? ଶାଶୂ ବଡ଼ ପାଟି କରି ଶାନ୍ତି ମାଉସୀଙ୍କୁ କହିଲେ- ଶାନ୍ତି କହି ଦେଉଛି ତୁମେ ଆମଘର କଥାରେ ମୁଣ୍ଡ ଖେଳାନି। ଶାନ୍ତି ମାଉସୀ ଆଉ କିଛି ନ କହି ଆଲୋ ସଖୀ ଆପଣା ମହତ ଆପେ ରଖି ବଚାରରେ ଏକ ମୁହାଁ ହୋଇ ଘରୁ ବାହାରି ପଳେଇଲେ। ମୁଁ ଆଖିରୁ ଲୁହ ଗଡ଼େଇ ମାଛ କାଟିବା ଛଡ଼ା କିଛି ବି ଉପାୟ ନ ଥିଲା। ମନେ ମନେ ଠାକୁରଙ୍କୁ ଡାକୁଥିଲି - ପ୍ରଭୁ ତୁମେ ହିଁ ଭରସା। ଯାହାକୁ ରଖିବେ ଅନନ୍ତ, କେ କରି ପାରେ ବଳବନ୍ତ। ଏମିତିରେ ଶାଶୂଙ୍କର ଅନେକ ନିର୍ଯାତନା ଭିତରେ ଦିନ ଗଡ଼ି ଚାଲିଲା। ଏମିତିକି ମୋତେ ବାର ବାର ଛୁଆକୁ ଆବର୍‌ସନ୍ କରିବା ପାଇଁ ମୋତେ ପ୍ରବର୍ତ୍ତାଉ ଥିଲେ। ମୁଁ କେବଳ ଗୋଟିଏ ଉତ୍ତର ଦେଇଥିଲି- ଆପଣଙ୍କ ପୁଅଙ୍କୁ କୁହନ୍ତୁ ସେ କ'ଣ ଚାହୁଁଛନ୍ତି?

ମୁଁ ସବୁ ଶୁଣି ଦୀର୍ଘ ନିଃଶ୍ୱାସଟିଏ ପକାଇ କହିଲି- ସତରେ ଅନୁ ମାଡାମ, ମୋ ମନ ଭିତରେ ଏମିତି ଅନେକ ପ୍ରଶ୍ନ ଉଙ୍କିମାରୁଛି। ତୁମ ନଣନ୍ଦ ଅର୍ଥାତ ତାଙ୍କ ଝିଅକୁ ଯଦି ତାଙ୍କ ଶାଶୂ ଏମିତି ବ୍ୟବହାର କରିବେ ସେ ସହି ପାରିବେ ତ? କାହିଁକି ମଣିଷ ଭୁଲିଯାଏ ଯେ ନିଜ ଝିଅ ଯଦି କାହା ଘରର ବୋହୂ ତେବେ ଆଉ କାହା ଝିଅ ମୋ ଘରର ବୋହୂ। ଯଦି ମୋ ଝିଅକୁ ତା' ଶାଶୂଘରେ ନିର୍ଯାତନା ମିଳୁଛି, ଆମକୁ ସହିବାକୁ କଷ୍ଟ ହେଉଛି। ତେବେ ପର ଝିଅକୁ କାହିଁକି ଆମେ ନିର୍ଯାତନା ଦେବା। କେମିତି ଏ କଥା ଜଣେ ନାରୀ ବୁଝି ପାରେନି ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସତରେ ଏ ସଂସାର ବଡ଼ ବିଚିତ୍ର। ଆମ ଲୋକମାନଙ୍କ ଚିନ୍ତାଧାରା ବି ବଡ଼ ଅଜବ। କାହାକୁ ବା କିଏ କହିବ। ମଣିଷ ଯଦି ନିଜେ ସେ ଜାଗାରେ ନିଜକୁ ରଖି ପରଖି ନିଅନ୍ତା ସତରେ ଶାଶୂବୋହୂର ପରିବାର ଆନନ୍ଦମୟ ହୋଇ ଉଠନ୍ତା। ନା କ'ଣ କହୁଛନ୍ତି ଅନୁ ମାଡାମ୍?

-ହଁ ମାଡାମ୍, ଠିକ୍ କହିଲେ। ହେଲେ ସେ କଥା ବା ବୁଝୁଛି କିଏ?

-ହଁ ମାଡାମ, ଯାହା ବି ହେଉ ଭଗବାନଙ୍କ ଦୟାରୁ ଝିଅଟି ମୋର ହସ୍ପିଟାଲରେ ସିଜରିଆନ ହୋଇ ଜନ୍ମ ନେଲା। ଏବେ ଝିଅକୁ ମୋର ଦୁଇ ବର୍ଷ ପୂରି ତିନି ବର୍ଷ ଚାଲିଛି। ମୁଁ ବି ଚାହିଁଥିଲି ସେଇ ବଡ଼ ଝିଅଟିର ମୁହଁକୁ ଚାହିଁ ଦିନ କାଟିଦେବି । ମୁଁ ମୋ ବଡ଼ ଝିଅକୁ ଜନ୍ମ ନ ଦେଇ ବି ମୋ ଜନ୍ମିତ ଝିଅଠାରୁ ତାକୁ ଅଧିକ ଭଲପାଇ କୋଳେଇ ନେଇଛି। ଏବେ ବି ସେ ମୋ ଜୀବନ। ନିଜ ଜୀବନର ଭବିଷ୍ୟତର ଆଶାକୁ ଜଳାଞ୍ଜଳି ଦେଇ ପରିବାରର ଦାୟିତ୍ୱବୋଧତାର ସଂକଳ୍ପରେ ସାରା ଜୀବନ କୁଆଁରୀ ରହିବାର ଇଛାକୁ ରଖି ପାରିଲିନି। ଧୈର୍ଯ୍ୟର ପାହାଡ଼କୁ ମଥା ଉପରେ ଟେକି ଭଲ ବୋହୂ ସାଜିବା ପାଇଁ ଶତ ଚେଷ୍ଟା କଲି। ମୋ ଇଛା ବିରୁଦ୍ଧରେ ପତ୍ନୀ ହେବାର ସୌଭାଗ୍ୟ ଲାଭ କଲି। ମୋ ସ୍ୱାମୀ ଦୁନିଆ ଆଖିରେ ମହାନ୍ ପାଲଟି ଗଲେ। ମୋତେ ମାତୃତ୍ୱର ସୌଭାଗ୍ୟ ଦେଲେ। ଯେହେତୁ ବିଳମ୍ବିତ ବିବାହ ବେଶୀ ଡେରି କଲେ କାଳେ ଛୁଆ ନ ହୋଇ ପାରେ। ତେଣୁ ସେ ଚାହିଁଲେ ଯେତେ ଶୀଘ୍ର ମୁଁ ମାତୃତ୍ୱ ଲାଭ କରେ। କିନ୍ତୁ ବିନା ମାତୃତ୍ୱରେ ମାଆ ହେବାର ଯେଉଁ ତ୍ୟାଗ ସେ ତ୍ୟାଗକୁ ମୋ ସ୍ୱାମୀ ଛଡ଼ାଇନେଲେ ତାଙ୍କ ମହାନ୍ ପଣରେ। ମାତୃତ୍ୱ ହେବାର ମଞ୍ଜିଟିଏ ବୁଣି ଦେଲେ ମୋ ଗର୍ଭରେ। ସେହି ମାତୃତ୍ୱ ପଣରେ ମୁଁ ଆଜି ଦୁଇ ଦୁଇଟି କନ୍ୟା ସନ୍ତାନର ଜନନୀ ଭାବରେ ଆକାଶେ ଖୁସିର ତାଜମହଲ ଗଢୁ ଗଢୁ ଧୈର୍ଯ୍ୟର ପାହାଡ଼କୁ ମଥା ଉପରେ ମୁଣ୍ଡେଇ ଆଗକୁ ବାଟ ଚାଲିଛି। ଛୁଆଙ୍କ ଭବିଷ୍ୟତର ଉଜ୍ଜ୍ୱଳମୟ ଜୀବନର ସ୍ୱପ୍ନ ଦେଖୁଛି। ହଁ, ମାଡାମ ମୋ ଜନ୍ମ ବୋଧେ ଏଥିପାଇଁ।

ମୋ ପାଟିରୁ ବାହାରି ଆସିଲା- ଆହାଃ, ସତରେ ଅନୁ ମାଡାମ୍। ଆପଣ ତ 'ଅନନ୍ୟା'। ତ୍ୟାଗମୟୀ ନାରୀଟିଏ!

**ଅମ୍ବିକା ସ୍ୱାଇଁ**
*ଭୁବନେଶ୍ୱର, ଖୋର୍ଦ୍ଧା*

## ମୋ ଦେଶ ମୋ ଭାଷା

ମୋ ଦେଶ ଭାରତବର୍ଷ
ଏକତାରେ ବନ୍ଧା
କେତେ ଜାତି, କେତେ ଧର୍ମ
ଏହାର ବାସିନ୍ଦା।
କେତେ ଭାଷା, ଉପଭାଷା
ଅନେକ ସଂସ୍କୃତି
ସବୁ ପରା ମନ ଛୁଏଁ
ମିଳିଛି ସ୍ୱୀକୃତି।
ଯେତେ ଭାଷା ଥାଉ ପଛେ
ରାଷ୍ଟ୍ରଭାଷା ହିନ୍ଦି
ଭାବ ବିନିମୟ ହୁଏ
ଦେଶ ଗଳିକନ୍ଦି।
ଓଡ଼ିଶା ମୋ ମାତୃଭୂମି
ଓଡ଼ିଆ ମୋ ଭାଷା
ଗର୍ବରେ ମୋ ଛାତି ଫୁଲେ
ସବୁଠି ପ୍ରଶଂସା।
ଶାସ୍ତ୍ରୀୟ ମାନ୍ୟତା ପାଇଁ
ଗୌରବ ଆଣିଛି
ଉପଭାଷା ଥିଲେ ସୁଦ୍ଧା
ଓଡ଼ିଆ ଶୁଭୁଛୁ।
ଦେଶ ପାଇଁ ସମ୍ବିଧାନ
ନିରପେକ୍ଷ ନୀତି
ଗୋଟିଏ ଆଇନ ଚାଲେ
ଦୃଢ଼ ଦେଶ ଶକ୍ତି।
ଜଗନ୍ନାଥ ଆମ ଗର୍ବ
ଭାଗବତ ବାଣୀ
ଜଗନ୍ନାଥ ଦାଶ କବି
ଦେଇଛନ୍ତି ମଣି।

**ସୁଧୀର କୁମାର ଦାସ**
ଜଟଣୀ, ଖୋର୍ଦ୍ଧା

# ପୋଟ୍‌ଲି ବ୍ୟାଗ୍ ଫ୍ୟାଶନ

ପାର୍ଟି ଫଙ୍କଶନ୍‌ରେ ଟ୍ରାଡିସନାଲ୍ ହେଉ ଅବା ଏଥେନିକ୍ ଆଉଟ୍‌ଫିଟ୍ ସାଙ୍ଗରେ ମ୍ୟାଚିଂ କରି ହାତରେ ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ଧରିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏବେ ତ ପୋଟ୍‌ଲି ବ୍ୟାଗ୍‌ର ଟ୍ରେଣ୍ଡ ଖୁବ୍ ଚାଲିଥିବାର ଦେଖିବାକୁ ମିଳୁଛି। ଏହାର ମଧ୍ୟ ଅନେକ ଭେରାଇଟି ରହିଛି, ଯାହାକୁ ଟ୍ରାଏ କରି ନାରୀମାନେ ଅତି ସହଜରେ ଆକର୍ଷଣୀୟ ପାର୍ଟି ଲୁକ୍ ପାଇପାରିବେ...







* **ପିଙ୍କ୍ ପୋଟ୍‌ଲି ବ୍ୟାଗ୍:** ବାହାଘର, ପାର୍ଟି ଆଦିରେ ଯଦି ଆପଣଙ୍କର ପିଙ୍କ୍ କଲର୍‌ର ଶାଢ଼ି କିମ୍ବା କୌଣସି ହେଭି ଡିଜାଇନ୍‌ର ଆଉଟ୍‌ଫିଟ୍ ପିନ୍ଧିବାର ପ୍ଲାନିଂ ଅଛି, ତା'ହେଲେ ତା'ସହିତ ମ୍ୟାଚିଂ କରି ପିଙ୍କ୍ କଲର୍‌ର ଯେ କୌଣସି ଟ୍ରାଡିସ୍‌ନାଲ୍ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିପାରିବେ। ଏହା ଆପଣଙ୍କୁ ଗର୍ଜିୟସ୍ ଲୁକ୍ ଦେବ।

* **ବ୍ରାଇଡାଲ୍ ପୋଟ୍‌ଲି ବ୍ୟାଗ୍:** ବାହାଘର ଦିନ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଲେହେଙ୍ଗାକୁ ମ୍ୟାଚିଂ କରି ଯେ କୌଣସି ଡିଜାଇନ୍‌ର ବ୍ରାଇଡାଲ୍ ପୋଟ୍‌ଲି ବ୍ୟାଗ୍ ଆରାମରେ କ୍ୟାରି କରାଯାଇପାରେ।

* **ଗ୍ରୀନ୍ କଲର୍ ପୋଟ୍‌ଲି ବ୍ୟାଗ୍:** ମେହେନ୍ଦି ଫଙ୍କଶନ୍‌ରେ ଗ୍ରୀନ୍ କଲର୍‌ର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଲୁକ୍‌କୁ ପରଫେକ୍ଟ ମ୍ୟାଚ୍ କରିଥାଏ। ଖାସ୍ କରି ଗ୍ରୀନ୍ କଲର୍‌ର ଶାଢ଼ି ସାଙ୍ଗରେ ଏହି କଲର୍‌ର ପୋଟ୍‌ଲି ବ୍ୟାଗ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

* **ଲାଇଟ୍ କଲର୍‌ର ପୋଟ୍‌ଲି ବ୍ୟାଗ୍:** ଅଧିକାଂଶ ସମୟରେ ଦେଖାଯାଏ, ପ୍ରି-ୱେଡିଙ୍ଗ୍ ଫଙ୍କଶନ୍ ପ୍ରାୟତଃ ଦିନବେଳା ହୋଇଥାଏ। ଦିନବେଳା ହେଉଥିବା ଏହି ଫଙ୍କସନ୍‌ରେ ଆପଣ ଚାହିଁଲେ ଲାଇଟ୍ କଲର୍‌ର ଯେ କୌଣସି ପୋଟ୍‌ଲି ବ୍ୟାଗ୍‌କୁ ଟ୍ରାଏ କରିପାରିବେ। କାରଣ ଏହା ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ଭଲ ମ୍ୟାଚ୍ କରିଥାଏ।

* **ମ୍ୟାଚିଂ ପୋଟ୍‌ଲି ବ୍ୟାଗ୍:** କେବଳ ଶାଢ଼ି, ଲେହେଙ୍ଗା କାହିଁକି ପାର୍ଟି ଫଙ୍କଶନ୍‌ରେ ଯୁବତୀମାନେ ଅନାରକଲି ଡ୍ରେସ୍ ହେଉ ଅବା ସାଲୱାର୍ ସୁଟ୍ ସହ ମଧ୍ୟ ମ୍ୟାଚିଂ ପୋଟ୍‌ଲି ବ୍ୟାଗ୍ କ୍ୟାରି କରିପାରିବେ।

* **ଫର୍ ଡିଜାଇନ୍ ପୋଟ୍‌ଲି ବ୍ୟାଗ୍:** ଆଜିକାଲି ଫର୍ ଡିଜାଇନ୍ ପୋଟ୍‌ଲି ବ୍ୟାଗ୍ ବି ମିଳିଲାଣି। ଖାସ୍‌କରି ଧଳା ରଙ୍ଗର ଫର୍ ଡିଜାଇନ୍ ହୋଇଥିବା ପୋଟ୍‌ଲି ବ୍ୟାଗ୍‌କୁ ଆପଣ ନେଟ୍ ଡିଜାଇନ୍ ଶାଢ଼ି ସହ କ୍ୟାରି କଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

* **ଇଣ୍ଡୋ-ୱେଷ୍ଟର୍ନ ଡ୍ରେସ୍ ସହ ପୋଟ୍‌ଲି ବ୍ୟାଗ୍:** କେବଳ ଟ୍ରାଡିସ୍‌ନାଲ୍ କି ଏଥେନିକ୍ ଆଉଟ୍‌ଫିଟ୍ କାହିଁକି ଆପଣ ଚାହିଁଲେ ଇଣ୍ଡୋ-ୱେଷ୍ଟର୍ନ ଡ୍ରେସ୍ ସହ ମଧ୍ୟ ପୋଟ୍‌ଲି ବ୍ୟାଗ୍‌କୁ କ୍ୟାରି କରିପାରିବେ। ଖାସ୍ କରି ଏହି ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କରି ଗୋଲ୍ଡେନ୍ ହେଉ କିମ୍ବା ସିଲ୍‌ଭର୍ କଲର୍‌ର ପୋଟ୍‌ଲି ବ୍ୟାଗ୍ ଟ୍ରାଏ କଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ।

## ଜାଣିବା କଥା

- ଶାଢ଼ି ସାଙ୍ଗରେ ପୋଟ୍‌ଲି ବ୍ୟାଗ୍ ଟ୍ରାଏ କରିବା ସମୟରେ ଧ୍ୟାନ ଦେବେ, ଯେମିତି ଏହା ଶାଢ଼ି ସାଙ୍ଗକୁ ଠିକ୍ ଭାବରେ ହାଇଲାଇଟ୍ ହୋଇପାରୁଥିବ।
- ଷ୍ଟୋନ କିମ୍ବା ଜୁଏଲେରୀ ଖଚିତ ପୋଟ୍‌ଲି ବ୍ୟାଗ୍‌କୁ କେବେ ବି ହେଭି ୱାର୍କ ବାଲା ଆଉଟ୍‌ଫିଟ୍ ସହ କ୍ୟାରି କରିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ପୋଟ୍‌ଲି ବ୍ୟାଗ୍‌ର ଆକର୍ଷଣ ଫିକା ପଡ଼ିଗଲା ଭଳି ଜଣାଯାଇଥାଏ।

## ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟ

କୁହାଯାଏ ରୋଷେଇ କରିବା ଏକ କଳା। ରୋଷେଇ ସହିତ ଛୋଟ ବଡ଼ କଥା ଉପରେ ଧ୍ୟାନ ରଖିପାରୁଥିବା ଲୋକେ ହିଁ ଏଥିପାଇଁ ବାହାବା ପାଇଥାନ୍ତି। ଏଠାରେ ଏଭଳି କେତେକ କୁକିଂ ଟିପ୍‌ସ୍ ଦିଆଯାଇଛି, ଯାହା କେବଳ ଆପଣଙ୍କ ଖାଦ୍ୟକୁ ସ୍ୱାଦିଷ୍ଟ କରିବନି, ଏହା ସ୍ୱାସ୍ଥ୍ୟକର ବି ରଖିବ।

⊙ ଗ୍ରାଇଣ୍ଡିଂ ହୋଇଥିବା ମସଲାକୁ ସବୁବେଳେ ଧିମା ଆଞ୍ଚରେ ଗୋଳାନ୍ତୁ। ଏହା ଦ୍ୱାରା ରଙ୍ଗ ଓ ସ୍ୱାଦ ଭଲ ଆସିବ।

⊙ ଗ୍ରେଭୀକୁ ସ୍ୱାଦିଷ୍ଟ କରିବା ଲାଗି ଏଥିରେ ଅଳ୍ପ ମାତ୍ରାରେ ଚିନି ମିଶାଇପାରିବେ।

⊙ ଟମାଟୋ ସିଜନ ନ ହୋଇଥିଲେ, ଗ୍ରେଭୀରେ ଟମାଟୋ କେଚଅପ ବା ସସ ବ୍ୟବହାର କରାଯାଇପାରିବ।

⊙ ଖିରୀ ତିଆରି ପାଇଁ ସବୁବେଳେ ଭାରୀ ବାସନ ବ୍ୟବହାର କରନ୍ତୁ। ଫଳରେ କ୍ଷୀର ଲାଗିଯିବ ନାହିଁ।

⊙ ଯଦି ମସଲାରେ ଦହି ପକାଇବାର ଅଛି, ତେବେ ପ୍ରଥମେ ଦହିକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ ଓ ଧୀରେ ଧୀରେ ମସଲାରେ ପକାନ୍ତୁ।

⊙ ପରିବା କାଟିବା ଲାଗି ସବୁବେଳେ କାଠ କିମ୍ବା ଚପିଂ ବୋର୍ଡ ବ୍ୟବହାର କରନ୍ତୁ।

⊙ ପରିବାର ଚୋପା ଯଥା ସମ୍ଭବ ପତଳା କରି ଛଡ଼ାଇବାକୁ ଚେଷ୍ଟା କରନ୍ତୁ।

⊙ ଘରେ ତିଆରି ଅଦା, ରସୁଣ ଓ କଞ୍ଚା ଲଙ୍କାର ପେଷ୍ଟକୁ ଅଧିକ ସମୟ ସୁରକ୍ଷିତ ରଖିବା ଲାଗି ଏଥିରେ ୧ ଚାମଚ ଗରମ ତେଲ ଓ ଲୁଣ ମିଶାନ୍ତୁ।

⊙ ଖାଦ୍ୟକୁ ବାରମ୍ବାର ଗରମ କରନ୍ତୁନି। ଏହାଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହୋଇଯାଏ।

⊙ ଗ୍ରେଭୀ ପାଇଁ ସବୁବେଳେ ପାଚିଲା ଲାଲ ଟମାଟୋ ବ୍ୟବହାର କରନ୍ତୁ। ଏହା ଦ୍ୱାରା ରଙ୍ଗ ଭଲ ଆସିଥାଏ।



# ଅଦ୍ଭୁତ ଉଦ୍ଭାବନ

**ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ତେଣୁ ଆବିଷ୍କାରର ଏହି ଧାରା ଚାଲିଛି ଓ ଆଗକୁ ମଧ୍ୟ ଚାଲିବ। ତେବେ ବେଳେବେଳେ କିଛି ଅଜବ ଆବିଷ୍କାର ବି ହୁଏ ଓ ଯେମିତିକି ନିମ୍ନରେ ଦିଆଯାଇଥିବା ଏହି ସବୁ ଜିନିଷ...**







### ଏୟାର୍ କଣ୍ଡିସନ୍‌ଡ୍ ପ୍ୟାଣ୍ଟ୍:

ଖରାଦିନେ ବାହାରକୁ ଗଲେ ଗରମରେ ଅବସ୍ଥା ଖରାପ ହୋଇଯାଏ। ଏହାକୁ ନଜରରେ ରଖି ଜାପାନର କମ୍ପାନୀ କୁଚୋଫୁକୁ ତିଆରି କରିଛି ଏୟାର କଣ୍ଡିସନ୍‌ଡ୍ ପ୍ୟାଣ୍ଟ୍। ଏହାକୁ ପିନ୍ଧିଲେ ସାର୍ଟ ପ୍ୟାଣ୍ଟ ଭିତରେ ଥଣ୍ଡା ପବନ ବହିବ। ଏଥିରେ ଥିବା ବ୍ୟାଟେରୀ ପାୱାରର ଫ୍ୟାନ୍ ଶରୀର ଭିତରକୁ ରିଫ୍ରେସିଂ ଏୟାର ଫ୍ଲୋ କରାଏ। ପ୍ୟାଣ୍ଟର ଜଙ୍ଘ ପାଖରେ ଏହାର କୁଲିଂ ହାର୍ଡୱେରଟି ଝୁଲି ରହିଥାଏ। ହେଲେ ଏହା ବହୁତ ହାଲ୍‌କା। ତେଣୁ ପ୍ୟାଣ୍ଟ ଭାରି ଲାଗିବ ନାହିଁ। ଏହି ପ୍ୟାଣ୍ଟ ୬୫ ପ୍ରତିଶତ ପଲିଷ୍ଟର, ୩୫ ପ୍ରତିଶତ କଟନ୍‌ରେ ତିଆରି। ଏହା ବିଭିନ୍ନ ସାଇଜ୍‌ରେ ଓ ହାଲ୍‌କା ଖାକି ରଙ୍ଗରେ ଉପଲବ୍ଧ ହୁଏ।

### ହେଡ୍ ମସାଜର୍:

ମୁଣ୍ଡବ୍ୟଥା ହେଲେ ଯଦି କେହି ଜଣେ ମୁଣ୍ଡକୁ ଚିପି ମସାଜ୍ କରି ଦିଅନ୍ତୁ ଭାରି ଆରାମ ଲାଗେ। ଇଛା ହୁଏ ଘଣ୍ଟା ଘଣ୍ଟା ସେମିତି କେହି ଜଣେ ମସାଜ କରନ୍ତୁ। ହେଲେ ଏହା ସମ୍ଭବ ହୁଏନା। ଏହି ସମସ୍ୟାକୁ ନଜରରେ ରଖି ତିଆରି ହୋଇଛି ହେଡ୍ ମସାଜର୍। ଏହା ମୁଣ୍ଡର ଆକୃତିରେ ଯେମିତି ଭଲ ଭାବେ ଫିଟ୍ ହେବ ତାକୁ ନଜରରେ ରଖି କରାଯାଇଛି। ମସାଜ୍ କେତେ ଜୋର୍‌ରେ କରାଯିବ ସେଥିପାଇଁ ଏଥିରେ ୮ ପ୍ରକାରର ଆଡଜଷ୍ଟମେଣ୍ଟ୍ ଇଣ୍ଟେନ୍‌ସିଟି ରହିଛି। ଫଳରେ ଆପଣ ଯେତିକି ଚାପରେ ମସାଜ୍ ଚାହାନ୍ତି ସେତିକି ଚାପରେ ସାରା ମୁଣ୍ଡର ମସାଜ୍ ହେବ। ଆଉ ଶାନ୍ତି ଏବଂ ଆରାମ ମିଳିବ। ଏଥିରେ ଭାଇବ୍ରେସନ୍ ମସାଜ ସହ ଆକ୍ୟୁପଙ୍କଚର୍ ପଏଣ୍ଟ୍‌ରେ ମସାଜ୍ ହୁଏ। ଫଳରେ ଖୁବ୍ ଶାନ୍ତି ମିଳିବ ଓ ଭଲ ନିଦ ହେବ।

### ଅମ୍ବ୍ରେଲା ଟାଇ:

ପ୍ରଫେସ୍‌ନାଲ୍ ଲୁକ୍ ଦିଏ ଟାଇ। ତେବେ ଏ ହେଉଛି ଏମିତି ଟାଇ ଯାହାକୁ ପିନ୍ଧିଲେ ପ୍ରଫେସନାଲ୍ ଲୁକ୍ ସହ ଏହା ଖରା ବର୍ଷାରୁ ବି ରକ୍ଷା କରିବ। ଭାବୁଥିବେ ଟାଇ ଖରାବର୍ଷାରୁ ରକ୍ଷା କେମିତି କରିବ ବୋଲି। ତେବେ ଏ ହେଉଛି ଏକ ଖାସ୍ ଟାଇ, ଯାହାର ନାଁ ଅମ୍ବ୍ରେଲା ଟାଇ। ହଠାତ୍ ବର୍ଷା ହୋଇଗଲେ ସଙ୍ଗେ ସଙ୍ଗେ ଏହାର ଛତାକୁ ବ୍ୟବହାର କରି ବର୍ଷାରୁ ରକ୍ଷା ମିଳିପାରିବ। ତେବେ ଏହି ଟାଇର ଦୁର୍ବଳତା ହେଉଛି ଏହାର ଓଜନ। ଏହି ଟାଇକୁ ବେଶି ସମୟ ପିନ୍ଧିଲେ ବେକରେ ଯନ୍ତ୍ରଣା ହେବ। ଆଉ ଥରେ ଏହାକୁ ବର୍ଷା ସମୟରେ ବ୍ୟବହାର କଲେ ତାହା ଶୁଖିବା ପରେ ଯାଇ ପିନ୍ଧି ହେବ। ଏହି ଟାଇ ପିନ୍ଧିଲେ ସୁଟ୍ ବଟନ୍ ସବୁ ସମୟରେ ବନ୍ଦ ରଖିବାକୁ ହେବ। ନଚେତ ଛତା ବାହାରକୁ ଦେଖାଯିବ।



### ଜିପ୍ ଷ୍ଟୋରେଜ୍ ଜ୍ୟାକେଟ୍:

ଏହି ଜ୍ୟାକେଟ୍‌କୁ ହୁଏତ କେହି ପିନ୍ଧିବେ। କାରଣ ଏହା ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ। ଆଉ ଏଥିରେ ରହିଛି ଅନେକ ଜିପ୍ ଲକ୍ ପକେଟ୍। ଏହା ଭିତରେ ଆପଣ ଯାହା ବି ଜିନିଷ ରଖିବେ ତାହା ସମସ୍ତଙ୍କୁ ଦେଖାଯିବ।

### ନିଆରା ନାପ୍‌କିନ୍:

ବର୍ଗର ଖାଇବାବେଳେ ବଡ଼ ଆଁ କରି ଖାଇବାକୁ ହୁଏ। ଫଳରେ ଚେହେରା ଅସୁନ୍ଦର ଦେଖାଯାଏ। ଯେଉଁମାନେ ବର୍ଗର ଖାଇବାବେଳେ ବି ସୁନ୍ଦର ଦେଖାଯିବାକୁ ଚାହୁଁଛନ୍ତି ସେମାନେ ଏହି ନାପକିନ୍‌କୁ ବେଶ୍ ପସନ୍ଦ କରିବେ, ଯାହାର ନାଁ ଲିବରେସନ୍ ନାପକିନ୍। ଏଥିରେ ବର୍ଗର ଧରି ଖାଇଲେ ବଡ଼ ଆଁ ଲୁଚି ଯାଇ ନାପ୍‌କିନ୍‌ରେ କରାଯାଇଥିବା ସୁନ୍ଦର ନାକ, ପାଟିର ଚିତ୍ର ଦେଖାଯିବ। ଫଳରେ ଆପଣ ଯେତେବଡ଼ ଆଁ କରି ଖାଇଲେ ବି ଅସୁନ୍ଦର ଦେଖାଯିବାର ଭୟ ନ ଥିବ।



## ଏମିତି ରୁହନ୍ତୁ ସ୍ଲିମ୍

❖ ଅରୁଆ ଭାତ ବଦଳରେ ଉଷୁନା ଭାତ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ଏହା ସହଜରେ ହଜମ୍ ହୋଇଥାଏ ଆଉ ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ଓଟ୍‌ସରେ ଅଧିକ ମାତ୍ରାରେ ଫାଇବର ଥାଏ। ଏହା ସହଜରେ ହଜମ ହୋଇନଥାଏ। ତେଣୁ ଅଳ୍ପ ଓଟ୍‌ସ ମଧ୍ୟ ଶରୀରକୁ ଶକ୍ତି ଯୋଗାଇବା ସହ ଓଜନ ନିୟନ୍ତ୍ରଣରେ ରଖିଥାଏ।

❖ ଅଦା ଓ ରସୁଣ ମଧ୍ୟ ମୋଟାପଣକୁ ଦୂରେଇ ରଖିବାରେ ସହାୟତା କରିଥାନ୍ତି। ଅଦାରୁ କ୍ୟାପ୍‌ସାଇନ୍‌ସିନ୍ ମିଳିଥାଏ। ଏହାର ସେବନରେ ଶରୀରରେ ତାପ ବୃଦ୍ଧି ପାଇବା ସହ ଭୋକ କମ୍ କରିଥାଏ। ଫଳରେ ଓଜନ ଠିକ୍ ରିହିଥାଏ। ଗ୍ରୀନ୍ ଟି ମେଟାବଲିଜିମକୁ କ୍ରିୟାଶୀଳ କରିଥାଏ। ଯାହା ଦ୍ୱାରା ଓଜନ ହ୍ରାସ ପାଇଥାଏ।





# ଅନନ୍ୟ ଦୁର୍ଗ ଖିମସର୍




**ରାଜସ୍ଥାନର ନାଗାଉର୍ ଜିଲ୍ଲା ଅନ୍ତର୍ଗତ ଖିଓଁସର୍ ଗାଁ ନିକଟରେ ରହିଛି ଏହି ଐତିହାସିକ ଦୁର୍ଗ ଖିମସର୍; ଯାହାର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଅଭୁତ ବାସ୍ତୁକଳା ଓ ଭବ୍ୟତା ପାଇଁ ଏହା ରାଜସ୍ଥାନର ସବୁଠାରୁ ସୁନ୍ଦର ଦୁର୍ଗର ମାନ୍ୟତା ବି ପାଇଛି। କେବଳ ସେତିକି ନୁହେଁ ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ଏହି ଦୁର୍ଗଟିକୁ ପରେ ଏକ ହେରିଟେଜ୍ ହୋଟେଲ୍‌ରେ ମଧ୍ୟ ପରିଣତ କରି ଦିଆଯାଇଛି। ଯେଉଁଥିପାଇଁ ରାଜକୀୟ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକମାନଙ୍କର ଏଠାରେ ବେଶ୍ ଭିଡ଼ ଜମୁଥିବାର ଦେଖିବାକୁ ମିଳୁଛି...**

ରାଜସ୍ଥାନର ନାଗାଉର୍ ଜିଲ୍ଲାରେ ରହିଛି ଅପୂର୍ବ ସୌନ୍ଦର୍ଯ୍ୟଭରା ଏକ ଐତିହାସିକ ଦୁର୍ଗ; ଯାହାର ନାଁ ହେଉଛି ଖିମସର୍ ଦୁର୍ଗ। ପର୍ଯ୍ୟଟକଙ୍କ ରୁଚିକୁ ଚାହିଁ କ୍ରମେ ଏହି ଦୁର୍ଗକୁ ଏକ ହେରିଟେଜ୍ ହୋଟେଲ୍‌ର ମାନ୍ୟତା ମିଳିଛି; ଯେଉଁଠାରେ ପର୍ଯ୍ୟଟକ ବୁକିଂ କରି ରହିପାରିବେ ଏବଂ ରାଜକୀୟ ଆତିଥେୟର ଭରପୂର ମଜା ନେଇପାରିବେ। କିନ୍ତୁ ଏଥିପାଇଁ ସେମାନଙ୍କୁ ମୋଟା ଅଙ୍କର ଟଙ୍କା ବି ଖର୍ଚ୍ଚ କରିବାକୁ ହେବ। ତେବେ ଏହି ଐତିହାସିକ ଦୁର୍ଗ ବା ହେରିଟେଜ୍ ହୋଟେଲ୍‌ରେ କ'ଣ ସବୁ ଖାସ୍ ରହିଛି ଆସନ୍ତୁ ଜାଣିବା।

## ଖିମସର୍ ଦୁର୍ଗର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଆଜକୁ ପ୍ରାୟ ୫୦୦ ବର୍ଷ ତଳେ ରାଜା ରାଓ କରମଜୀଙ୍କ ଦ୍ୱାରା ଏହି ଦୁର୍ଗଟି କୁଆଡ଼େ ନିର୍ମାଣ କରାଯାଇଥିଲା। ହେଲେ ଏହି ଦୁର୍ଗର ଆକର୍ଷଣୀୟ ବାସ୍ତୁକଳାକୁ ଦେଖି ଅନ୍ୟ ଶତ୍ରୁ ରାଜାମାନଙ୍କର ମଧ୍ୟ ଏହା ପ୍ରତି ଲୋଭ ବଢ଼ିଥିଲା। ଯେଉଁଥିପାଇଁ ଅତୀତରେ ଏହି ଦୁର୍ଗକୁ ଅକ୍ତିଆର କରିବାକୁ ନେଇ ଅନେକ ରାଜକୀୟ ଯୁଦ୍ଧ ହୋଇଥିବାର ନଜିର ରହିଛି।






## ଖିମସର୍ ଦୁର୍ଗର ଆକର୍ଷଣ

ସୂଚନାନୁଯାୟୀ, ପ୍ରାୟ ୧୧ ଏକର ଜମି ଉପରେ କୁଆଡ଼େ ଏହି ଦୁର୍ଗଟି ନିର୍ମିତ ହୋଇଛି। ଏଠାରେ ରହିଛି ଅନେକ ବଡ଼ ବଡ଼ କୋଠରୀ, ଯାହାକୁ ଏବେ ପର୍ଯ୍ୟଟକଙ୍କ ରହଣୀ ନିମନ୍ତେ ଆଲିସାନ୍ ରୁମ୍‌ର ରୂପ ଦିଆଯାଇଛି। ତା'ସହିତ ଏହି ଦୁର୍ଗ ଭିତରେ ରହିଛି ଏକ ବଡ଼ ସୁଇମିଂ ପୁଲ, ବାସ୍ତୁକଳାପୂର୍ଣ୍ଣ ଉଚ୍ଚ ଉଚ୍ଚ ଖମ୍ବ, ସୌନ୍ଦର୍ଯ୍ୟପୂର୍ଣ୍ଣ ବଗିଚା, ବଡ଼ ଅଗଣା ତଥା ଆକର୍ଷଣୀୟ ବାସ୍ତୁକଳାରେ ପୂର୍ଣ୍ଣ ଖୁବ୍ ସୁନ୍ଦର ସୁନ୍ଦର ମୂର୍ତ୍ତିମାନ। ସବୁଠୁ ବଡ଼ କଥା ହେଉଛି ଏହି ଦୁର୍ଗ ଭିତରେ ପ୍ରାୟ ୫୦ ପ୍ରଜାତିର ସୁନ୍ଦର ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ; ଯେଉଁମାନଙ୍କର କାକଳି ପର୍ଯ୍ୟଟକଙ୍କୁ ବେଶ୍ ଆନମନା କରିଥାଏ। ତା'ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କର ଆତିଥେୟରେ ଯେମିତି କିଛି ବି ଅସୁବିଧା ନ ହୁଏ, ସେଥିପାଇଁ ଏଠାରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଏଠାକାର କର୍ମଚାରୀଙ୍କୁ ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଥାଏ। ସେମାନେ ଖୁବ୍ ନମ୍ର ଓ ଭଦ୍ରାମୀର ସହ ପର୍ଯ୍ୟଟକଙ୍କର ସବୁ ଭଲମନ୍ଦ କଥା ବୁଝିଥାନ୍ତି।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ବି ଶୀତଦିନ ହେଉଛି ଏଥିପାଇଁ ସର୍ବୋତ୍ତମ। କାରଣ ଏହି ସମୟରେ ଏଠାକାର ତାପମାତ୍ରା ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ଥାଏ। ତା' ଛଡ଼ା ଏହି ଖିମସର୍ ଦୁର୍ଗ ନିକଟରେ ବି ଆହୁରି ଛୋଟବଡ଼ ଅନେକ ଦୁର୍ଗ ରହିଛି; ଯାହାକୁ ପର୍ଯ୍ୟଟକ ବୁଲି ଦେଖି ମଧ୍ୟ ପାରିବେ। ସବୁଠୁ ବଡ଼ କଥା ହେଉଛି ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏଠାରେ ଓଟ ତଥା ଜିପ୍ ସଫାରୀର ମଧ୍ୟ ସୁବିଧା ରହିଛି। ଫଟୋଗ୍ରାଫି ପାଇଁ ବି ଏଠାରେ ଅନେକ ସୁବିଧା ଉପଲବ୍ଧ ଅଛି। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି।






## କାହା ପାଇଁ କେଉଁ ଦିଗ ?

ବାସ୍ତୁଶାସ୍ତ୍ରରେ ଘରର ସମସ୍ତ ଦିଗକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥାଏ। ପଶ୍ଚିମ ଏବଂ ଉତ୍ତରର ମଧ୍ୟଭାଗରେ ଅବସ୍ଥିତ ଉତ୍ତର-ପଶ୍ଚିମ ଦିଗକୁ ବାୟବ୍ୟ କୋଣ କୁହାଯାଏ। ସେହିଭଳି ଉତ୍ତର-ପଶ୍ଚିମ ଦିଗ ଆମକୁ ଦୀର୍ଘାୟୁ, ସ୍ୱାସ୍ଥ୍ୟ ଏବଂ ଶକ୍ତି ପ୍ରଦାନ କରେ। ଏହି ଦିଗ ଆଚରଣରେ ପରିବର୍ତ୍ତନର ସୂଚକ। ଯଦି ଉତ୍ତର-ପଶ୍ଚିମ ଦିଗ ଖରାପ ଥାଏ ତେବେ ବନ୍ଧୁମାନେ ଶତ୍ରୁ ପାଲଟିଯାଇଥାନ୍ତି।

ଯଦି ତୁମର ଘରେ ଜଣେ ଚାକର ଅଛି, ତା'ହେଲେ ତାଙ୍କ କୋଠରୀ ଉତ୍ତର-ପଶ୍ଚିମ ଦିଗରେ ରହିବା ଉଚିତ। ବିବାହିତ ମହିଳାମାନେ ଘର କୋଣରେ ଶୋଇବା ଉଚିତ ନୁହେଁ। ଏହି ଦିଗରେ ଶୋଇବା ଦ୍ୱାରା ସେ ପରିବାରଠାରୁ ଅଲଗା ହେବା କଥା ଚିନ୍ତା କରିଥାନ୍ତି। ଉତ୍ତର-ପଶ୍ଚିମ ଦିଗରେ କୁଆଁରୀ ଝିଅମାନେ ଶୋଇବା ଉଚିତ। ଏହି କାରଣରୁ ବିବାହର ଯୋଗ ସୃଷ୍ଟି ହୋଇଥାଏ। ପିଲାମାନଙ୍କର ଅଧ୍ୟୟନ ପାଇଁ, ସେମାନଙ୍କର ଅଧ୍ୟୟନ ଟେବୁଲ, ଚେୟାର ଇତ୍ୟାଦି ଉତ୍ତର, ଉତ୍ତର କିମ୍ବା ଉତ୍ତର କୋଣରେ ରଖିବା ଆବଶ୍ୟକ। ବହିଗୁଡ଼ିକର ଆଲମାରୀକୁ ପଶ୍ଚିମ କିମ୍ବା ଦକ୍ଷିଣ ଦିଗରେ ରଖିବା ଶୁଭ। ଟେବୁଲ ଲ୍ୟାମ୍ପ ସବୁବେଳେ ଟେବୁଲର ଦକ୍ଷିଣ-ପୂର୍ବ ଦିଗରେ ରଖାଯିବା ଉଚିତ।ଉତ୍ତର-ପଶ୍ଚିମ ଦିଗରେ ଥିବା ତ୍ରୁଟି ପାଇଁ ଏକ ଛୋଟ ଆକ୍ୱାରିୟମ ସ୍ଥାପନ କରାଯିବା ଉଚିତ।

# ଦିଲ୍ଲୀ ଟେଷ୍ଟ୍: ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଶତକ

ନୂଆଦିଲ୍ଲୀ: ଦିଲ୍ଲୀ ଟେଷ୍ଟ୍‌ର ପ୍ରଥମ ଦିନ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଆଧିପତ୍ୟ ଜାହିର କରିଛି। ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଚଳିତ ମାସ ୧୦ ତାରିଖ ଷ୍ଟମ୍ପ ବେଳକୁ ଟିମ୍ ମାତ୍ର ୨ ୱିକେଟ୍ ହରାଇ ୩୧୮ ରନ୍ କରିନେଇଛି। ଯଶସ୍ୱୀ ଜୟସ୍ୱାଲ୍ ୧୭୩ ଏବଂ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ୨୦ ରନ୍ କରି ଅପରାଜିତ ଫେରିଛନ୍ତି। ଏହା ଯଶସ୍ୱୀଙ୍କ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସର୍ବଶ୍ରେଷ୍ଠ ସ୍କୋର୍। ୨୦୨୩ରେ ସେ ୧୭୧ ରନ୍‌ର ଇନିଂସ୍ ଖେଳିଥିଲେ। ଭାରତୀୟ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଟସ୍ ଜିତି ବ୍ୟାଟିଂ ନେଇଥିଲେ। କେଏଲ୍ ରାହୁଲ ୩୮ ରନ୍ କରି ଷ୍ଟମ୍ପ୍ ଆଉଟ୍ ଆଉଟ୍ ହୋଇଥିବା ବେଳେ ଯଶସ୍ୱୀଙ୍କ ସହ ୫୮ ରନ୍ କରି ପାର୍ଟନରଶିପ୍ କରିଥିଲେ। ସାଇ ସୁଦର୍ଶନ ପରେ ଯଶସ୍ୱୀଙ୍କ ୧୯୩ ରନ୍‌ର ଯୋଡ଼ିଥିଲେ। ସୁଦର୍ଶନ ୮୭ ରନ୍ କରି ବିଦାୟ ନେଇଥିଲେ। ୱେଷ୍ଟଇଣ୍ଡିଜ୍ ବାମହାତୀ ସ୍ପିନର୍ ଜୋମେଲ୍ ୱାରିକନ୍ ୨ ୱିକେଟ୍ ନେଇଛନ୍ତି। ବ୍ୟାଟିଂ ଅନୁକୂଳ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଭାରତ ପ୍ରଥମ ସେସନ୍‌ରେ ଗୋଟିଏ ୱିକେଟ୍ ବିନିମୟରେ ୯୪ ରନ୍ କରିଥିଲା। କେଏଲ୍ ରାହୁଲ ୩୮ ରନ୍ କରି ଆଉଟ୍ ହୋଇଥିଲେ। ରାହୁଲଙ୍କ ୫୪ ବଲ୍‌ର ଇନିଂସ୍‌ରେ ୫ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଏହାପରେ ଯଶସ୍ୱୀ ଜୟସ୍ୱାଲ୍ ଓ ସାଇ ସୁଦର୍ଶନ ଇନିଂସ୍ ସମ୍ଭାଳି ଟିମ୍‌କୁ ୨୦୦ ରନ୍ ପାର୍ କରାଇଥିଲେ। ଦ୍ୱିତୀୟ ସେସନ୍‌ରେ ଭାରତର କୌଣସି ୱିକେଟ୍ ପତନ ଘଟିନଥିଲା। ଯଶସ୍ୱୀ ନିଜର ସପ୍ତମ ଟେଷ୍ଟ୍ ଶତକ ହାସଲ କରିଥିବା ବେଳେ ସୁଦର୍ଶନ ଅର୍ଦ୍ଧଶତକ ପୂରଣ କରିଥିଲେ। ତୃତୀୟ ସେସନ୍‌ରେ ସୁଦର୍ଶନ ୧୬୫ ବଲ୍‌ରେ ୧୨ ଚୌକା ସହାୟତାରେ ୮୭ ରନ୍ କରି ୱାରିକନ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଯଶସ୍ୱୀଙ୍କ ସହ ସେ ଦ୍ୱିତୀୟ ୱିକେଟ୍ ପାଇଁ ୧୯୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହାପରେ ଯଶସ୍ୱୀଙ୍କ ସହ ଯୋଗ ଦେଇଥିବା କ୍ୟାପ୍‌ଟେନ୍ ଗିଲ୍ ଅବିଭାଜିତ ତୃତୀୟ ଓଭର୍ ପାଇଁ ୬୭ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ କରିଥିଲେ। ଯଶସ୍ୱୀଙ୍କ ୨୫୩ ବଲ୍‌ର ଇନିଂସ୍‌ରେ ୨୨ ଚୌକା ସାମିଲ ଥିଲା। ସେହିପରି ଗିଲ୍ ୬୮ ବଲ୍ ଖେଳି ୩ ଚୌକା ସହାୟତାରେ ୨୦ ରନ୍ କରି ଅପରାଜିତ ଫେରିଛନ୍ତି।



## ଯଶସ୍ୱୀଙ୍କ ସମ୍ପର୍କରେ...

- ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଡେବ୍ୟୁ ପରେ ଭାରତୀୟ ଓପ୍ନର୍‌ମାନେ ମୋଟ ୧୩ ଟେଷ୍ଟ୍ ଶତକ ହାସଲ କରିଛନ୍ତି। ଏହା ମଧ୍ୟରୁ ଏକୁଟିଆ ଯଶସ୍ୱୀଙ୍କର ୭ ଶତକ ହୋଇଥିବା ବେଳେ ବାକି ସମସ୍ତ ଭାରତୀୟ ଓପ୍ନର୍ ମିଳିତ ଭାବେ ୬ ଶତକ ହାସଲ କରିଛନ୍ତି। ସାରା ବିଶ୍ୱରେ ଏହି ଅବସରରେ କୌଣସି ଓପ୍ନର୍ ଜୟସ୍ୱାଲ୍‌ଙ୍କଠାରୁ ଅଧିକ ଶତକ କରିନାହାନ୍ତି। ଇଂଲଣ୍ଡର ବେନ୍ ଡକେଟ୍ ୪ ଶତକ ସହ ଏହି ଲିଷ୍ଟ୍‌ର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।
- ୨୪ ବର୍ଷ ବୟସ ପୂର୍ବରୁ ସପ୍ତମ ଶତକ ହାସଲରେ ଜୟସ୍ୱାଲ୍ ବିଶ୍ୱର ଚତୁର୍ଥ ବ୍ୟାଟର୍ ହୋଇଛନ୍ତି। ଏହି ବୟସ ମଧ୍ୟରେ ତାଙ୍କଠାରୁ ଅଧିକ ଶତକ କେବଳ ତିନିଜଣ ମହାନ୍ ବ୍ୟାଟର୍ ହାସଲ କରିଥିଲେ। ଡନ୍ ବ୍ରାଡ୍‌ମ୍ୟାନ୍ (୧୨ ଶତକ), ସଚିନ୍ ତେନ୍ଦୁଲକର (୧୧), ଗ୍ୟାରୀ ସୋବର୍ସ (୯ ଶତକ)। ସେହିପରି ୨୪ ବର୍ଷ ବୟସ ପୂର୍ବରୁ ୭-୭ ଶତକ ହାସଲ କରିବାରେ ଜୟସ୍ୱାଲ୍ ଜାଭେଦ୍ ମିଆଁଦାଦ୍, ଗ୍ରୀମ୍ ସ୍ମିଥ୍, ଆଲିଷ୍ଟର୍ କୁକ୍ ଏବଂ କେନ୍ ୱିଲିୟମ୍‌ସନ୍‌ଙ୍କ ପରି ମହାନ୍ ଖେଳାଳିଙ୍କ ସମକକ୍ଷ ହୋଇଛନ୍ତି।
- ଯଶସ୍ୱୀ ଜୟସ୍ୱାଲ୍ ଭାରତରେ ଟେଷ୍ଟ୍ ମ୍ୟାଚ୍‌ର ପ୍ରଥମ ଦିନ ହିଁ ଦୁଇଥର ୧୫୦ କିମ୍ବା ଏହାରଠାରୁ ଅଧିକ ରନ୍ କରିବାରେ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ କେବଳ ବିରାଟ କୋହଲି ଏହି ଉପଲବ୍ଧି ହାସଲ କରିଛନ୍ତି। ଏହା ପୂର୍ବରୁ ଜୟସ୍ୱାଲ୍ ୨୦୨୪ରେ ଇଂଲଣ୍ଡ ବିପକ୍ଷ ବିଶାଖାପାଟଣାରେ ୧୭୯ ରନ୍‌ର ଇନିଂସ୍ ଖେଳିଥିଲେ। ଖାସ୍ ବିଷୟ ଏହା ଯେ କୋହଲି ମଧ୍ୟ ଏହି ରେକର୍ଡ ଜୟସ୍ୱାଲ୍ କରିଥିବା ଷ୍ଟାଡିୟମ୍‌ରେ ହାସଲ କରିଛନ୍ତି। କୋହଲି ୨୦୧୬ରେ ବିଶାଖାପାଟଣାରେ ଇଂଲଣ୍ଡ ବିପକ୍ଷରେ ୧୫୧ ଏବଂ ୨୦୧୭ରେ ଦିଲ୍ଲୀରେ ଶ୍ରୀଲଙ୍କା ବିପକ୍ଷରେ ୧୫୬ ରନ୍ କରିଥିଲେ।
- ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଏହା ପଞ୍ଚମ ୧୫୦ ରନ୍ କିମ୍ବା ଏହାଠାରୁ ଅଧିକ ସ୍କୋର୍। ୨୪ ବର୍ଷ ବୟସରେ ସର୍ବାଧିକ ୧୫୦+ ରନ୍ ସଂଗ୍ରହର ରେକର୍ଡ ସାର୍ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ ନାମରେ ରହିଛି। ସେ ଆଠଥର ୧୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ।

# ସ୍ମୃତି ମନ୍ଧାନାଙ୍କ ସର୍ବାଧିକ ଦିନିକିଆ ରନ୍



ବିଶାଖାପାଟଣା: ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଓପ୍ନର୍ ବ୍ୟାଟର୍ ସ୍ମୃତି ମନ୍ଧାନା ସାଉଥ୍ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଏକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି। ମନ୍ଧାନା ମହିଳା ଦିନିକିଆରେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ପୂର୍ବତନ ଅଷ୍ଟ୍ରେଲୀୟ କ୍ୟାପ୍‌ଟେନ୍ ବେଲିଣ୍ଡା କ୍ଲାର୍କଙ୍କ ୨୮ ବର୍ଷ ତଳର ରେକର୍ଡ ଧ୍ୱସ୍ତ କରିଛନ୍ତି। କ୍ଲାର୍କ ୧୯୯୭ରେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ୯୭୦ ରନ୍ କରିଥିଲେ। ୯୫୯ ରନ୍‌ରେ ମ୍ୟାଚ୍ ଆରମ୍ଭ କରିଥିବା ୨୯ ବର୍ଷୀୟା ଷ୍ଟାର୍ ଓପ୍ନର୍ ଭାରତୀୟ ଇନିଂସ୍‌ର ଚତୁର୍ଥ ଓଭର୍‌ରେ ଆୟାବୋଙ୍ଗା ଖାକାଙ୍କୁ ଛକା ମାରି ଏହି ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ତେବେ ଏକାଦଶ ଓଭର୍‌ରେ ୨୩ ରନ୍ କରି ସେ ବିଦାୟ ନେଇଥିଲେ। ଏହା ସହିତ ୨୦୨୫ ବର୍ଷରେ ୧୭ ମ୍ୟାଚ୍‌ରୁ ମନ୍ଧାନାଙ୍କ ମୋଟ୍ ରନ୍ ୯୮୨ ହୋଇଛି। ଏହା ମଧ୍ୟରେ ୫୭.୭୬ ହାରାହାରି ଏବଂ ୧୧୨.୨୨ ଷ୍ଟ୍ରାଇକ୍ ରେଟ୍ ସହିତ ସେ ୪ଟି ଶତକ ଏବଂ ୩ ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ଚଳିତ ବର୍ଷ ତାଙ୍କର ସର୍ବାଧିକ ସ୍କୋର୍ ୧୩୫ ରନ୍ ଥିବାବେଳେ ସେ ୧୨୨ ଚୌକା ଓ ୨୪ ଛକା ମାରିଛନ୍ତି। ତାଲିକାର ପରବର୍ତ୍ତୀ ଶ୍ରେଷ୍ଠ ଭାରତୀୟ ଭାବେ ଦୀପ୍ତି ଶର୍ମାଙ୍କ ନାମ ରହିଛି। ଦୀପ୍ତି ୨୦୧୭ରେ ୨୦ ମ୍ୟାଚ୍‌ରେ ୭୮୭ ରନ୍ କରିଥିଲେ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

# ଡବ୍ଲ୍ୟୁପିଏଲ୍‌ରେ ପ୍ରଥମ ଥର ମେଗା ଅକ୍ସନ୍

ମୁମ୍ବାଇ: ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲୁପିଏଲ୍)ରେ ପ୍ରଥମ ଥର ମେଗା ଅକ୍ସନ୍ ହେବ। ଅକ୍ସନ୍ ପୂର୍ବରୁ ଟିମ୍‌ଗୁଡ଼ିକ ୫ ଜଣ ଖେଳାଳି ରିଟେନ୍ କରିପାରିବେ। ରିପୋର୍ଟ ଅନୁସାରେ ଖେଳାଳି ରିଟେନ୍‌ସନ୍‌ର ଶେଷ ତାରିଖ ନଭେମ୍ବର ୫ ରଖାଯାଇଥିବା ବେଳେ ଅକ୍ସନ୍ ପ୍ରକ୍ରିୟା ନଭେମ୍ବର ୨୫ରୁ ୨୯ ତାରିଖ ମଧ୍ୟରେ ହୋଇପାରେ। ଡବ୍ଲ୍ୟୁପିଏଲ୍ ସମସ୍ତ ଫ୍ରାଞ୍ଚାଇଜିକୁ ଏକ ଇ-ମେଲ୍ ପଠାଇ ଏହାର ସୂଚନା ଦେଇଛି। ଏଥିରେ କୁହାଯାଇଛି ପ୍ରତ୍ୟେକ ଟିମ୍ ସର୍ବାଧିକ ତିନିଜଣ କ୍ୟାପ୍‌ଡ ଭାରତୀୟ, ଦୁଇଜଣ ବିଦେଶୀ ଏବଂ ଦୁଇଜଣ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳିଙ୍କୁ ରିଟେନ୍ କରିପାରିବେ। ଯଦି କୌଣସି ଫ୍ରାଞ୍ଚାଇଜି ପାଞ୍ଚ ଖେଳାଳି ରିଟେନ୍ କରନ୍ତି, ତେବେ ଏହା ମଧ୍ୟରେ ଅତିକମ୍‌ରେ ଜଣେ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି ହେବା ଅନିବାର୍ଯ୍ୟ।

ଅକ୍ସନ୍ ପାଇଁ ପ୍ରତ୍ୟେକ ଫ୍ରାୟଚାଇଜି ପାଖରେ ୧୫ କୋଟି ଟଙ୍କାର ପର୍ସ ରହିବ। ସେହିପରି ରିଟେନ୍‌ସନ୍ ସ୍ଲାବ୍ ପାଇଁ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରାଯାଇଛି। ଯଦି କୌଣସି ଫ୍ରାଞ୍ଚାଇଜି ପାଞ୍ଚ ଖେଳାଳିଙ୍କୁ ରିଟେନ୍ କରନ୍ତି, ତେବେ ପର୍ସରୁ ୯.୫ କୋଟି ଟଙ୍କା କଟାଯିବ। ଚାରିଜଣ ଖେଳାଳିଙ୍କ ପାଇଁ ୮.୭୫ କୋଟି, ତିନିଜଣଙ୍କ ପାଇଁ ୭.୭୫ କୋଟି, ଦୁଇଜଣଙ୍କ ପାଇଁ ୬ କୋଟି ଏବଂ ଜଣଙ୍କ ପାଇଁ ୩.୫ କୋଟି ଟଙ୍କା ହ୍ରାସ କରାଯିବ।

ପ୍ରଥମ ଥର ଫ୍ରାଞ୍ଚାଇଜିଙ୍କୁ ରାଇଟ୍-ଟୁ-ମ୍ୟାଚ୍ (ଆର୍‌ଟିଏମ୍) ବିକଳ୍ପ ଦେବାକୁ ଡବ୍ଲ୍ୟୁପିଏଲ୍ ନିଷ୍ପତ୍ତି ନେଇଛି। ଆର୍‌ଟିଏମ୍ ଦ୍ୱାରା ଟିମ୍ ଅକ୍ସନ୍‌ରେ ନିଜର ପୂର୍ବତନ ଖେଳାଳିଙ୍କୁ ପୁଣିଥରେ କିଣିପାରିବ। ଫ୍ରାଞ୍ଚାଇଜି ଅଧିକତମ ପାଞ୍ଚ ଆର୍‌ଟିଏମ୍‌ର ଉପଯୋଗ କରିପାରିବ। ଯଦି ଟିମ୍ ପାଞ୍ଚ ଖେଳାଳିଙ୍କୁ ରିଟେନ୍ କରେ, ତେବେ ତା' ପାଖରେ ଆର୍‌ଟିଏମ୍ ବିକଳ୍ପ ଉପଲବ୍ଧ ରହିବ ନାହିଁ। ଡବ୍ଲ୍ୟୁପିଏଲ୍ ପକ୍ଷରୁ ଏହା ମଧ୍ୟ କୁହାଯାଇଛି, ରିଟେନ୍‌ସନ୍ ସ୍ଲାବ୍‌ରେ ଖେଳାଳିଙ୍କ ମୂଲ୍ୟ ଯାହା ରହିଛି, ତା'ଠାରୁ ଅଧିକ ରାଶିରେ ଟିମ୍ ଖେଳାଳିଙ୍କୁ ରିଟେନ୍ କରିପାରିବ। ମାତ୍ର ଏହି ରାଶି ସ୍ଲାବ୍‌ଠାରୁ ଅଧିକ ହେଲେ, ତାହା ଅକ୍ସନ୍ ପର୍ସରୁ କଟାଯିବ। ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳିଙ୍କ ପାଇଁ ନ୍ୟୁନତମ ସାଲାରୀ ୫୦ ଲକ୍ଷ ଟଙ୍କା ସ୍ଥିର କରାଯାଇଛି, ଯାହା ଆପୋଷ ବୁଝାମଣା ମଧ୍ୟରେ ବଢ଼ାଯାଇପାରେ।

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**